
ଜିଜ୍ଞାସା
N.C.COLLEGE
NARASINGHA CHOUDHURY (AUTONOMOUS) COLLEGE, JAJPUR
ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଯାଜପୁର



# MESSAGE

*N.C. Autonomous College, a premier institution of the district and state - is known for its sheer achievement and performance of the students and faculty. Jijnasa, the Frontline Magazine bears one of the segment of performance and creativity as well as expression of inner instinct of students and teachers alike. The annual Magazine, Jinnasha for the Session 2021-22 mirrors the creative expression of those who are having keen interest in it and giving ample opportunity for the endeavour.*

*I am extremely happy for the timely publication and convey a lot of thanks to those behind it and wish all success for the future time to come.*

**Prof. Fakir Mohan Mallick**
**Principal**
**N.C. (Auto) College, Jajpur**



# ।। ସମ୍ପାଦକ ମଣ୍ଡଳୀ ।।

(ବାମରୁ ଡାହାଣକୁ)

**ଅଧ୍ୟାପକ ଅଜୟ କୁମାର ସାମଲ**

**ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ବେହେରା**

**ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ**

**ଅଧ୍ୟାପକ ଡକ୍ଟର ବିଷ୍ଣୁଚରଣ ଦାସ**

**ଶ୍ରୀ ଅତିଶ୍ କୁମାର ମହାନ୍ତି**

**(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)**

**ଅଧ୍ୟାପକ ଭରତ ଚନ୍ଦ୍ର ସେଠୀ**






WINNER TROPHY EAST ZONE
INTER UNIVERSITY KHO KHO


N.C. AUTONOMOUS COLLEGE, JAJPUR
Indian Red Cross Society
Odisha State Branch
WORLD AIDS DAY- 2021
THEME: END INEQUALITIES, END AIDS PANDEMICS.

# ଜିଜ୍ଞାସା

## JIJNASA

## 2021-22

ଅଧ୍ୟକ୍ଷ

**ପ୍ରଫେସର ଫକୀରମୋହନ ମଲ୍ଲିକ**

**: ସମ୍ପାଦକ ମଣ୍ଡଳୀ :**

ଅଧ୍ୟାପକ ଅଜୟ କୁମାର ସାମଲ

ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ

ଅଧ୍ୟାପକ ଡ଼କ୍ଟର ବିଷ୍ଣୁଚରଣ ଦାସ

ଶ୍ରୀ ଅତିଶ୍ କୁମାର ମହାନ୍ତି

(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)

ଅଧ୍ୟାପକ ଭରତ ଚନ୍ଦ୍ର ସେଠୀ

**ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଯାଜପୁର**

**N.C. (AUTO.) COLLEGE, JAJPUR**



# ସଂପାଦକୀୟ ...



ଝରଣାଟିଏ ଝରିଆସେ ଗିରି ଗୁହାରୁ । ଧରାବକ୍ଷରେ ଆତ୍ମ ପ୍ରବେଶ କରି ପ୍ରାଣେ ପ୍ରାଣେ ଭରିଦିଏ ସୁଶୀତଳ ମାଧୁର୍ଯ୍ୟ । ଉଦୀୟମାନ ରବିଙ୍କ ଜ୍ୟୋତିରେ ଆଲୋକିତ ହୋଇଥାଏ ସମଗ୍ର ଜୀବଜଗତ । ସେହିପରି କମନୀୟ ଚନ୍ଦ୍ରର ଶୁଭ୍ର ଜ୍ୟୋତ୍ସ୍ନାରେ ପୁଲକିତ ହୋଇ ଉଠେ ପ୍ରକୃତି । ଆନନ୍ଦର ଏକ ମହୋତ୍ସବ ଖେଳିଯାଏ ବିହାୟସରୁ ବସୁଧା । ଫୁଟୁଥିବା ସଜଫୁଲର ସୁରଭି ମହକାଇ ଦେଇଥାଏ ଚତୁଃ ପରିବେଶ ।

ଏଇ ସମୟର ପରିବ୍ୟାପ୍ତିକୁ ହୃଦୟଙ୍ଗମ କରିବା ସାଧାରଣ ମଣିଷର ବିଚାର ଶକ୍ତିର ଉର୍ଦ୍ଧ୍ୱରେ । କାରଣ କ୍ଷଣସ୍ଥାୟୀ ହୃଦୟରେ ସମୟ ସ୍ଥିର ନୁହେଁ । ଆଜି ଯାହା ସବୁଜ, ସୁନ୍ଦର, ଆକର୍ଷଣୀୟ ଆସନ୍ତା କାଲି ତାହା ଅସ୍ଥିର, ପଦ୍ମ ପତ୍ରର ଜଳ । ଶ୍ୟାମଳ ସୁରୁଚିର ପଲ୍ଲବ କାଲିକୁ ପାଚିଲା, ଶୁଖିଲା, ଭୂମି ଛୁଇଁଥିବା ଝଡାପତ୍ର ।

ସମୟର ସ୍ରୋତରେ ସବୁକିଛି ବଦଳିଲା ପରି, ଏଇ ବ ର୍ମାନ ସମୟ ମଧ୍ୟରେ ବଦଳି ଯାଇଛି କେତେ କ'ଣ । ବଦଳି ଯାଇଛି ମାଟିର ମାନଚିତ୍ର । ସଂପର୍କର ପରିଭାଷା, ଜୀବନର ଛବି । କରୋନା ମହାମାରୀର କରାଳ ଲହରୀରେ ସମୟ ଅସ୍ତବ୍ୟସ୍ତ । ପ୍ରତି ମନରେ ଆଶଙ୍କା । ପ୍ରତି ପଦକ୍ଷେପରେ ସଙ୍କଟ । କୋଭିଡ଼-୧୯ ର ବିଭିନ୍ନ ସମସ୍ୟା ଛନ୍ଦି ଦେଇଛି ଜୀବନ ଜୀବିକାକୁ । ଅନେକ ପରିବ ର୍ନ ଆଣିଛି ସବୁକ୍ଷେତ୍ରରେ କରୋନା କାୟା ବିସ୍ତାରିତ ହେବା ଦିନଠାରୁ ଶିକ୍ଷାର ମେରୁଦଣ୍ଡ ଦୋହଲି ଯାଇଛି । ଶିକ୍ଷା ବ୍ୟବସ୍ଥାର ଏକ ପ୍ରକାର ତାଲା ପଡ଼ି ଯାଇଛି । ଏହାର ସର୍ବାଧିକ ପ୍ରଭାବ ପଡିଛି ମଣିଷର ମାନସିକ ସ୍ଥିତି ଉପରେ । ଚନ୍ଦ୍ର ମଣ୍ଡଳରେ ବସବାସ କରିବାକୁ ସ୍ୱପ୍ନ ଦେଖୁଥିବା ମନୁଷ୍ୟ ହୋଇଯାଇଛି ନିର୍ବାକ, ନିଷ୍ପନ୍ଦ । ମଣିଷଏହାର ଜାଲରେ ଏପରି ଛନ୍ଦି ହୋଇଛି ଯାହାକି ମୃତ ପିତାର ମୁଖାଗ୍ନି ଦେବା ଓ ଶବ ସଂସ୍କାର କରିବାରୁ ବଂଚିତ ହୋଇଛନ୍ତି ପୁତ୍ର-ପୌତ୍ର, ଆତ୍ମୀୟ ସ୍ୱଜନ । ଜ୍ଞାତି କୁଟୁମ୍ବଙ୍କ ଅଦୃଶ୍ୟରେ ମେସିନ୍ କରୁଛି ଶବ ସଂସ୍କାର । ଦୁଃସହ ସଂଗରୋଧତା ଏକ ଉତ୍କଟ ଆର୍ଥିକ ସମସ୍ୟାମାନ ମଣିଷର ମନ-ମସ୍ତିଷ୍କ, ଉପରେ ଅତି ଭୟଙ୍କର ପ୍ରଭାବ ପକାଇ ଚାଲିଛି ।

ଏହି ପରି ପ୍ରେକ୍ଷୀରେ ମନକୁ ଦୁର୍ବଳ ସୁସ୍ଥ ମାନସିକତା ସହିତ ଧୈର୍ଯ୍ୟ ଓ ସାହାସକୁ ଆପଣେଇ ନେବା ପ୍ରଯୁଜ୍ୟ ।

ସର୍ବଶେଷରେ ଆଶା କରୁଛି ଏଇ ସଂକଟ ସମୟରେ ଏଇ କ୍ଷୁଦ୍ର ବାର୍ଷିକ 'ଜିଜ୍ଞାସା' ପତ୍ରିକାଟି ଆମ ପାଇଁ ଚେନାଏଁ ଆଶ୍ୱସନା ନେଇ ଆସିବ ଓ ଆମ ସମସ୍ତଙ୍କ ଭିତରେ ଆବେଗ ଓ ବିଶ୍ୱାସ ଓ ଭଲ ପାଇବା ଆମ ସମସ୍ତଙ୍କୁ ସବୁଦିନ ପାଇଁ ଏକାଠି କରିବାର ପୀଠ ପାଲଟିଥିବ । ଆଜି ଜିଜ୍ଞାସାର ସମସ୍ତ ସଫଳତା କାମନା କରୁଛି ।

**ସଂପାଦକ ମଣ୍ଡଳୀ**

# ସୂଚୀପତ୍ର


| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| | **ପଦ୍ୟ ବିଭାଗ** | | |
| ୧. | ମା | ସ୍ମୃତିରେଖା ଦାସ | ୦୧ |
| ୨. | ପ୍ରକୃତି ମା | ସନ୍ତୋଷ ପୃଷ୍ଟି | ୦୧ |
| ୩. | ଆଜିବି ଝୁରୁଛି ଭାରତ ଜନନୀ | ହିମାଂଶୁ ଶେଖର ସାହୁ | ୦୨ |
| ୪. | ମୋ ଜୀବନ | ଅରୁନ୍ଧତୀ ସାହୁ | ୦୩ |
| ୫. | ହସ | ଇପ୍‌ସୀତା ସାହୁ | ୦୩ |
| ୬. | ଜହ୍ନ ଆଲୁଅର ଛାଇ | ଅପର୍ଣ୍ଣା ମହାନ୍ତି | ୦୪ |
| ୭. | ବର୍ଷା | ଦେବସ୍ମିତା ମଲ୍ଲିକ | ୦୪ |
| ୮. | ମନର କଥା | ଅନସ୍ୱୟା ସାହୁ | ୦୫ |
| ୯. | ଜୀବନ | ସ୍ୱାଗତିକା ଦାସ | ୦୬ |
| ୧୦. | ମା | ସ୍ମୃତିରେଖା ଦାସ | ୦୭ |
| ୧୧. | ଗୁଣ ହୁଏ ତିରସ୍କୃତ | ଗାୟତ୍ରୀ ମଲିକ | ୦୭ |
| ୧୨. | ଗୁରୁ | ଅପର୍ଣ୍ଣା ମହାନ୍ତି | ୦୮ |
| ୧୩. | ଜଗନ୍ନାଥ ସଂସ୍କୃତି ଓ ଚେତନା ପାଇଁ ପଦେ ଭକ୍ତି ଅର୍ଘ୍ୟ | ଆଶିଷ ପଣ୍ଡା | ୦୯ |
| ୧୪. | ଆହେ ଜଗନ୍ନାଥ | ଦେବସ୍ମିତା ମଲ୍ଲିକ | ୧୦ |
| ୧୫. | ମା | ସ୍ମୃତିରେଖା ଦାସ | ୧୦ |
| ୧୬. | ସମୟ | ଇପ୍‌ସିତା ସାହୁ | ୧୦ |

| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧୭. | କରୋନା କବିତା | ଅନୁପମା ସାହୁ | ୧୧ |
| ୧୮. | ନିରୁପାୟ | ଲିଜାରାଣୀ ନାୟକ | ୧୧ |
| ୧୯. | ସୈନିକ | ଲିସା ସାହୁ | ୧୨ |
| ୨୦. | ଗୁରୁ | ଲିସା ସାହୁ | ୧୩ |
| ୨୧. | କାଗଜ ଲେଖନୀ ବନ୍ଧନ | ସ୍ୱାଗତିକା ଦାସ | ୧୪ |
| ୨୨. | ସ୍ମୃତି | ସନ୍ତୋଷ ପୃଷ୍ଟି | ୧୫ |
| ୨୩. | ଭିନ୍ନ ଏକ ସମୟ | ରଶ୍ମିରେଖା ପୃଷ୍ଟି | ୧୫ |
| ୨୪. | ମୋ ଓଡ଼ିଶା | ଦେବସ୍ମିତା ବେହେରା | ୧୬ |
| ୨୫. | ବନ୍ଧୁତ୍ୱର ପ୍ରେମ | ରଶ୍ମିରେଖା ପୃଷ୍ଟି | ୧୭ |
| ୨୬. | ମନମୋର ପ୍ରଜାପତି | ଦେବସ୍ମିତା ମଲ୍ଲିକ | ୧୭ |
| ୨୭. | ଚିରନ୍ତନୀ | ଗାୟତ୍ରୀ ସଂଗୀତା ସାହୁ | ୧୮ |


## ଗଦ୍ୟ ବିଭାଗ


| | | | |
|---|---|---|---|
| ୨୮. | ଆଶାର ଆଲୋକ | ପିଙ୍କିରାଣୀ ରାୟ | ୧୯ |
| ୨୯. | ମାଆଙ୍କର କୁନି ପରୀ | ଲିପ୍ସା ପଣ୍ଡା | ୨୦ |
| ୩୦. | ଅହଙ୍କାର ପରାଜୟ | ଡକ୍ଟର ବିଷ୍ଣୁ ଚରଣ ଦାସ | ୨୧ |
| ୩୧. | ଆଖି | ସ୍ୱାଗତିକା ଦାସ | ୨୭ |
| ୩୨. | ଆମ ସଂସ୍କୃତିର ଶୀର୍ଷରେ ଛତିଆବଟ | ଆଶିଷ ପଣ୍ଡା | ୨୮ |
| ୩୩. | ବାପା | ଅରୁନ୍ଧତୀ ସାହୁ | ୩୦ |

| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୩୪. | ଜନ୍ମଦାତ୍ରୀ, ସ୍ନେହମୟୀ ମା' | ହିମାଂଶୁ ଶେଖର ସାହୁ | ୩୨ |
| ୩୫. | ମନର କୋହ | ଗ୍ରାୟତ୍ରୀ ମଲିକ | ୩୪ |
| ୩୬. | ସଂସ୍କୃତ ଅଧ୍ୟୟନ ସ୍ୟାବଶ୍ୟକତା | ରଶ୍ମିରେଖା ପୃଷ୍ଟି | ୩୬ |
| ୩୭. | କାଶତଣ୍ଡିକୁ ପଦେ | ତପସ୍ୱିନୀ ନାୟକ | ୩୭ |
| ୩୮. | ଘ ା | ହିମାଂଶୁ ଶେଖର ସାହୁ | ୩୮ |


## English Section


| | | | |
|---|---|---|---|
| 1. | Life | Arundhati Sahoo | 39 |
| 2. | Importance of Mother | Niharika Panda | 39 |
| 3. | Autumn Grief | Preeti Pragnya Samal | 40 |
| 4. | People of my Life | Subhashree Nayak | 41 |
| 5. | My Mother | Rosy Panda | 42 |
| 6. | Brother and Sister | Gayatree Malik | 42 |
| 7. | Oh Lovely Rain | Rosy Panda | 34 |
| 8. | Corona Virus | Swagatika Sahoo | 34 |
| 9. | My Parents | Rojalin Panda | 44 |
| 10. | Tree Things | Arundhati Sahoo | 45 |
| 11. | Path of Life | Sunanda Sahoo | 45 |
| 12. | A song of Hood Winked Self | Dr. Pradip Kumar Behera | 46 |
| 13. | My Papa | Swati Suhani Parida | 47 |

| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| 14. | Actions Speak Louder than words | Bishnu Priya Samal | 48 |
| 15. | Islamic Impact and Hinduism | Prof. Fakir Mohan Mallick | 49 |
| 16. | Fight Always gives Bad Result | Sunanda Sahoo | 51 |
| 17. | Maa | Bijayashree Kandi | 51 |
| 18. | Value of wasted Effort | Saphalya Rout | 52 |
| 19. | Humanity the Strength of Life | Bijayashree Kandi | 53 |
| 20. | College Life | Diptiprava Samal | 54 |


***

ପଦ୍ୟ ବିଭାଗ

# ମା

ସ୍ମୃତିରେଖା ଦାସ
+୩ ପ୍ରଥମ ବର୍ଷ କଳା

କେତେ କଷ୍ଟ ସହି ଜନ୍ମ ତୁ ଦେଇଛୁ
ଦେଖେଇଛୁ ଏ ଦୁନିଆ ।
ତୋ ସନ୍ତାନ ବୋଲି ପରିଚୟ ଦେଇ
ସଂସାରରେ କରିଛୁ ଠିଆ ॥
ବର୍ଷ ବର୍ଷ ଯିବ ଯୁଗ ବି ବିତିବ
କରି ତୋ ସେବା ଚରଣ ।
ଯୋଗ୍ୟ ହେବି ନାହିଁ ସୁଝିବାକୁ ତୋର
ମୋ ଉପରେ ଥିବା ଋଣ ॥
ଦେ ମା ଆଶିଷ ଥାଉ ମୋ ବିଶ୍ୱାସ
ଚିରଦିନ ତୋ ପାଦରେ ।
ମା ନାମ ଧରି ତୁଣ୍ଡେ ଶେଷ ବେଳେ
ଯାଉ ପ୍ରାଣ ସ୍ୱର୍ଗପୁରେ ॥
ସରଗର ଶଶୀ ଲୋଡା ନାହିଁ ମୋର
ଆଶା ନାହିଁ ପାରିଜାତ ।
ଶୀରେ ମୋର ରହୁ ତୋ ପଣତ ଛାଇ
ଏତିକି ପାତୁଛି ହାତ ॥
କି ଅବା ମାଗିବି ତତେ ଆଉ ମା
ଦେଇଛି ବଡ ସମ୍ପଦ ।
ଜୀବନ ରୂପକ ଉପହାର ଦେଇ
କରିଛୁ ମତେ ତୁ ଧନ୍ୟ
କରିଛୁ ମତେ ତୁ ଧନ୍ୟ ॥

# "ପ୍ରକୃତି ମା"

ସନ୍ତୋଷ ପୃଷ୍ଟି
+୩ ଦ୍ୱିତୀୟ ବର୍ଷ କଳା

ଜନମ କାଳରୁ ଦେଖୁଛି ତତେ
ଦୁଃଖ ପରେ ଦୁଃଖ ଦେଇଛି ଏତେ
ଦୋଷ ମୋର ସବୁ କରିଛୁ କ୍ଷମା
ତୁ ମୋର ପ୍ରକୃତି ମା' ॥
କେତେ ନଖେଳିଛି ତୋରି କୋଳେ
କେତେ ଗଡିଛି ତୋ ଗଛ ମୂଳେ
କେତେ ଅଳିତ ତୁ ସହିଛୁ ମୋର
ତଥାପି ଆଦରୁ କି ସ୍ୱାର୍ଥ ତୋର ॥
ଯେତେ ରୋଗ ଏ ଜଗତେ ଅଛି
ଔଷଧ ତୋ ପାଖେ ରହିଛି ଭରି
କଷ୍ଟ ଯେତେ ଥରେ ଦେଲେ ବି ତତେ
ସବୁ କଷ୍ଟ ତୁ ନେବୁ ଆଦରି ସତେ ॥
କି ଧାତୁରେ ତୁ ଗଢାଲୋ ମା
କହିବୁକି ତୋର ବାପର ନାଁ
ପଚାରିବି ଯାଇ ବାପାକୁ ତୋର
କେଉଁ ଧାତୁରେ ଗଢିଛୁ ମା'କୁ ମୋର ॥
ପିଲାଟି ଦିନରୁ ସ୍ତନ୍ୟପାନ ପାଇଁ ଦେଇଛୁ ମଧୁର ଜଳ
ନିଜ ମା' ମୋର ତିନି ବର୍ଷ ଯାଏ ଦିଏ
ତା ସ୍ତନରେ କ୍ଷୀର
ତୋ ସ୍ତନ ପାନ କରୁଛି ମୁଁ ଆଜି
ଜନମରୁ କାଳ କାଳ ॥
ସବୁଠୁ କରିଛୁ ସବୁଠୁ ଭରିଛୁ
କରିଛୁ ତୁ ଏକ ତ୍ରୁଟି
ଯେଉଁ ସିମ୍ପାଜୀକୁ ମଣିଷ କଲୁ ତୁ
ସେ ତତେ ଖାଉଛି ଲୁଟି ॥

# "ଆଜିବି ଝୁରୁଛି ଭାରତ ଜନନୀ"

ହିମାଂଶୁ ଶେଖର ସାହୁ
+୩ ଦ୍ୱିତୀୟ ବର୍ଷ ବାଣିଜ୍ୟ

ଆଜିବି ଝୁରୁଛି ଭାରତ
ବୀର ଯବାନଙ୍କୁ ମନ ମଧରେ,
ସେଦିନର ସେହି ବୀଭତ୍ସ ଘଟଣା
ନାଚୁଅଛି ତା'ର ଦୁଇ ଆଖିରେ !
ଶୁଖିନି ଏଯାଏଁ ରକତର ଛିଟା
ପୁଲୁବାମାର ସେ ମାଟି ଉପରେ,
ଗୁମୁରି ଗୁମୁରି କାନ୍ଦୁଛି ନୀରବେ
ଆବୋରି ଅନେକ ବ୍ୟଥା ହୃଦରେ !
ଆଜିବି ଝୁରନ୍ତି ଜନ୍ମଦାତ୍ରୀମାନେ
ପୁଅକୁ ହରାଇ ଶୂନ୍ୟକୋଳରେ,
ବାପାଙ୍କ କାନ୍ଧରେ ବୋଝଲଦି ଧନ
ଚାଲିଯାଇଅଛି ନିରିଭୟରେ !
ଆତ୍ମୀୟ ସ୍ୱଜନ କାନ୍ଦୁଛି ପରାଣ
ଫେରାଇବ କିଏ ହସ ଓଠରେ,

ଦେଶବାସୀ ମନ ଭରାକ୍ରାନ୍ତ ଆଜି
ତୁମ ବିୟୋଗର ଭଗ୍ନା ସ୍ମୃତିରେ !
ଶୂନ୍ୟ ପଡ଼ିଅଛି ସଙ୍ଗିନୀର ମଥା
ନାହିଁ ହସ ଜମା ତା'ର ଓଠରେ,
ଚାଲିବ କେମିତି ସାଥୀବିନା ଭାବେ
ଜୀବନର ଏଇ ଦୀର୍ଘ ରାସ୍ତାରେ !
ବୁଣିଦେବ କିଏ ସାହାସ ଶକତି
କୁନି ଛୁଆଙ୍କର ମନପ୍ରାଣରେ,
ବୈଧବ ଯନ୍ତ୍ରଣା କଳିବ କିଏ ସେ
ସମାଜରେ ଗଢ଼ା ନୀତି ପ୍ରଥାରେ !
କରୁଛୁ ସଲାମ୍ ହେ ବୀର ଯବାନ
ଅମର ରହିକି ଆମ ମନରେ,
ଦେଶ ପାଇଁ ଦେବୁ ଜୀବନ ଆମର
କରୁଛୁ ଆମର ସ୍ୱଚ୍ଛ ହୃଦରେ !

## 'ମୋ ଜୀବନ'

ଅରୁନ୍ଧତୀ ସାହୁ
+୩ ପ୍ରଥମ ବର୍ଷ କଳା

"ମୋ ଜୀବନ ଏକ ଅଧାଲେଖା ଗୀତ
ଆରମ୍ଭ ତା'ର ନାହିଁ,
କେଉଁଠୁ ଆରମ୍ଭ କେଉଁଠି ଏ ଶେଷ
ଖୋଜି ଖୋଜି ପାଏ ନାହିଁ ।
ଜହ୍ନ ଆସି କେବେ ଦେଖା ଦେଇଯାଏ
ପୁଣି କେବେ ଅନ୍ଧକାର,
କେବେ ପୁଣି ଇନ୍ଦ୍ରଧନୁ ତୁଳୀରେ
ବି   ୍ଦିଏ ମୁରୁଜ ରଙ୍ଗର ।
ଭଙ୍ଗା ଜୀବନର ନାୟକ ମୁଁ
ଖୋଜି ଖୋଜି ପାଇଥିଲି,
ଜାଣି ନଥିଲି ସେ ପ୍ରଥମ ପାହାଚେ
ଭଲପାଇ ଯିବେ ଭୁଲି ।
କେବେ ମାଡ଼ିଆସେ କଳା ବାଦଲତ
କେବେ ପୁଣି ଟିକେ ଜହ୍ନ,
ସାଗର ଢେଉରେ ଭାସିଯିବି କେବେ
ନଥିବ ତ ମୋର ଚିହ୍ନ ।
ଜୀବନର ସେହି ଅଧାଲେଖା ଗୀତ
ରହିଯିବା ଅଧା ହୋଇ,
କେହି ବା ସେ ଗୀତ ପଢିପାରିବେନି
ଜୁଇରେ ଯିବି ମୁଁ ଶୋଇ ।"

## ହସ

ଇପ୍‌ସୀତା ସାହୁ
+୩ ତୃତୀୟ ବର୍ଷ କଳା

ହସ ହସ ନୁହେଁ ବନ୍ଧୁ ଦୁଇଟି ଅକ୍ଷର
ହସ ହିଁ ଶାନ୍ତିର ଆଧାର,
ହସି ହସି ପଦେ କଥା କହିଦେଲେ
ଶତ୍ରୁ ବି ହୋଇବ ନିଜର ॥
ହସଟି ହେଉଅଛି ଏମିତି ଔଷଧ
ଶରୀରଟା ସୁସ୍ଥ ରହେ,
ହସି ହସି ବନ୍ଧୁ କଥା ବା   ା ହେଲେ
ବିପଦ ଦୁରେଇ ଥାଏ ॥
ହସି ହସି ଯଦି କଥା ପଦେ କୁହ
ସଭିଁଏ କରିବେ ଆଦର,
ହସରେ ଖୁସିରେ ଆଦର କରିଲେ
ସଭିଁଏ ଲାଗିବେ ସୁନ୍ଦର ॥
ହସି ଦେଲେ ବନ୍ଧୁ ଯେଉଁ ଶାନ୍ତି ମିଳେ
ଆଉ କେଉଁଥିରେ ନାହିଁ,
ହସିବା ପାଇଁ କି ମନଟିଏ ଲୋଡା
ଧନ କିଛି ଲୋଡ଼ା ନାହିଁ ॥

# ଜହ୍ନ ଆଲୁଅର ଛାଇ

ଅର୍ପଣା ମହାନ୍ତି
+୩ ତୃତୀୟ ବର୍ଷ କଳା

ଅନ୍ଧକାର ରାତି ରେ ଆଲୁଅ ତୁମେ ଜହ୍ନ,
ପ୍ରିୟତମା ନୟନେ ତୁମେ ତା'ର ପ୍ରିୟତମ ॥
ଅସରନ୍ତି ସୌନ୍ଦର୍ଯ୍ୟରେ ତୁମେ ପରିପୂର୍ଣ୍ଣ,
ବାଲ୍ୟକାଳୁ ଛାଇ କୁ ତୁମ ଧରିବାକୁ ମନ ॥

ସ୍ୱଚ୍ଛ ରଙ୍ଗରେ ତୁମ ଅନ୍ଧକାର ଛାଇ,
ଏତେ ଅଭିମାନ ସତେ କର କାହିଁ ପାଇଁ ॥
ସରଳ ମନରେ ମୋର କୁଟିଳତା ନାହିଁ,
ଛାଇ ତୁମ ଛୁଇଁବାକୁ ଆଶା ଅଛି ସୌନ୍ଦର୍ଯ୍ୟ କୁ ନାହିଁ ॥

ତଥାପି ତୁମେ ମତେ ଦିଅନି ଧରା,
ଆକାଶ ଛାତିରେ ତୁମେ ସୁନା ହରିଣୀ ପରା ॥
ଯେତେ ଗଲେ ପାଖେ ପାଖେ ଯାଅ ତୁମେ ଦୂରେଇ,
ଆଶ  ମୋର ପୁଣି ସେଇ ଆଶାରେ ଯାଏ ରହି ॥
ଜହ୍ନ ଆଲୁଅର ଛାଇ ତୁମେ ଜହ୍ନ ଆଲୁଅର ଛାଇ,
ତୁମକୁ ସ୍ପର୍ଶ କରିବା ପାଇଁ ସାହସ ମୋ ଅବା କାହିଁ ॥

# ବର୍ଷା

ଦେବସ୍ମିତା ମଲ୍ଲିକ୍
+୩ ପ୍ରଥମ ବର୍ଷ କଳା

ବର୍ଷା ନୁହେଁ ତୁ ତୃଷ୍ଣା ମନର
ଭାବିଲେ ସରିବ ନାହିଁ ।
ଏମିତି ଆସୁତୁ ଏମିତି ଯାଉତୁ
ଠିକଣାତ ତୋର ନାହିଁ ।
କେବେ ଆସି ହସି ଦେଇ ଯାଉ ଯଦି
ହସି ଉଠେ ସାରା ଦୁନିଆ ।
କେବେ ଆସି ରାଗି ଦେଇ ଯାଉ ଯଦି
କାନ୍ଦି ଉଠେ ସାରା ଦୁନିଆ ।
ତୁ ଥିଲେ ଜୀବନ ତୁ ଥିଲେ ମରଣ
ତୋ ବିନା କାହୁଁ ଏ ଜୀବନ ।
ଚଷୀ ମୁହଁରେ ତୁ ହସ ଆଣି ଦଉ
ପୁଣି କେତେବେଳେ ଦୁଃଖ ।
ତଥାପି ତୋ ପାଇଁ ଖୁସି ଏ ସଂସାର
ନ କରି ମନକୁ ଦୁଃଖ ।

# ମନର କଥା

ଅନସୂୟା ସାହୁ
+୩ ଶେଷ ବର୍ଷ କଳା

"ସାରା ସଂସାରରେ ଯାହାଙ୍କର ବାସ, ତୁମେ ସେ ମୁରଲୀଧର
ତୁମେ ହିଁ ତ ରାମ, ତୁମେ ତ ବାମନ, ତୁମେ ମୋ ଶ୍ୟାମସୁନ୍ଦର ।।"

"ମନ ମନ୍ଦିରରେ ସଞ୍ଜ ସକାଳରେ ପୂଜା କରୁଥାଏ ନିତି
କାଳେ ତୁମେ ଥରେ ହାତ ଧରି ନେଲେ, ପାଇବିକି ମୃତ୍ୟୁ ମୁକ୍ତି ।।"

"ନାହିଁ କ୍ଷୀର କି, ନାହିଁ ତ ସର, ନାହିଁ ମୋ ପାଖେ ଲବଣୀ
ତୁଳସୀ ଚନ୍ଦନେ ପୂଜୁଛି ତୁମକୁ, କରିଲ କି ମତେ ଗୁଣୀ ।।"

"ଦାସୀ ପରି ସଦା ତୁମ ପାଖେ ଥାଇ କରୁଥିବି ତୁମ ସେବା
ଛାର ଏଇ ମର୍ତ୍ତ୍ୟ ଅଭିନୟ କରି କ'ଣ ପାଇବି ଅବା ।।"

"ଭାବବିନଦିୟା ମୋ କଳାଠାକୁର, ଭାବକୁ ଦେଖ ତ ତୁମେ
ଲୀଳା ଦେଖି ତୁମ ପାଗିଳି ହେଲି ମୁଁ, ତୁମ ଏହି ଦାନ ଜନ୍ମେ ।।"

"ଏତିକି ମିନତୀ କରୁଛି ପ୍ରଭୁ ହେ, ରଖିବ ମୋର ଏ କଥା,
ସବୁ ଜନମରେ ତୁମ ସେବା ପାଇଁ, ରଖିଥିବ ମତେ ସଦା ।।"

# ଜୀବନ

ସ୍ୱାଗତିକା ଦାସ
+୩ କଳା

ବାସ୍ତବତାର କରୁଣ ବିଗ୍ରହ ଜୀବନ ସାଉଁଟା ଗପ
ଦାରିଦ୍ର୍ୟ ପୁଣି ନିଦାରୁଣ ସାଜି ଦେଇଯାଏ ଅଭିଶାପ ॥
ଅଗ୍ନିଦୀପ୍ତ ପରି ଚେତନାର ମୂଳେ ଲୁହଯାଏ ଆଜି ଠକି
କ୍ରାନ୍ତିକାରୀ ଆସି ଲେଖନୀ ମୁନ ବିପ୍ଳବ ରହିଛି ବାକି ॥
ଅଭିବ୍ୟଞ୍ଜନାର ସାଙ୍କେତିକ ସ୍ୱରେ କହିଯାଏ କେତେ କଥା
ଅଭିଭାଷଣରେ ଶୋଷଣ କରନ୍ତି ବଡ଼ପଣ ଧାରୀ ନେତା ॥
ସୁଖ ଦୁଃଖ ପରେ ଗଡ଼ି ଗଡ଼ି ଚ଼ଲେ ଅସ୍ତାଚଳ ଏଇ ରଥ
ଆକାଂକ୍ଷା ଏହି ଦ୍ୱାର-ଦେଶରେ ଚାଲି ଚାଲି ଖୋଜେ ପଥ ॥
ସମୟର କ୍ରମେ ପୀଡ଼ିତ ତନୁରେ, ନାହିଁ ଆଜି ଆଉ ଶକ୍ତି
ଅନୁରୁଦ୍ଧ କଣ୍ଠେ ପୁଣି ସେ ଗର୍ଜିଛି ପାତ୍ର କରେ ତାର କୀ ॥
ଜୀବନ ଦୀପର ସଳିତାଟା ଆଜି ପବନରେ ଯାଏ ଲିଭି
ନିଃସଙ୍ଗ ଜୀବନେ ଆପ୍ରାଣ ଉଦ୍ୟମେ ଖୋଜିଗଲେ ଆତ୍ମତୃପ୍ତି ॥
ସଂକ୍ଷିପ୍ତ ସଂଳାପ ମନୁଷ୍ୟ ଜୀବନ ବିଧାତା ଦେଇଛି ଖଞ୍ଜି
ହିମଗିରି ପରି ମଥା ତା ଉପରେ ସମାଜେ ପାଏନି ପୁଞ୍ଜି ॥
ଅପସଂସ୍କୃତିର ଚରମ ସ୍ତରରେ, ଯୁକ୍ତିବାଦୀ ଏଇ ଜୀବ
ନିଆଁ ପାଉଁଶ ରେ ଜୁଇ ଜଳିଗଲା ଶୁଭିଲାନି ଆଉ ସ୍ତବ ॥

# ମା

ସ୍ମୃତିରେଖା ଦାସ
+୩ ପ୍ରଥମ ବର୍ଷ କଳା

ମାର ପଣତ ଶ୍ରୀମନ୍ଦିର ନେତ
ନାହିଁ ଡର ନାହିଁ ଭୟ
ମାଟିଠୁ ଆକାଶ ଯା ପାଇଁ ସରସ
ମହାନତା ପରିଚୟ
ମମତା ଧାରାରେ ବାହିନେଉଥାଏ
ଆମ ଜୀବନର ତରୀ,
ଫୁଲର ମହକ ଚନ୍ଦନ ସୁବାସ
ଦୁହେଁ ତାର ସମସରି
କଥାରେ ତାହାର ବହି ଯାଉଥାଏ
ପୁଣ୍ୟ ମନ୍ଦାକିନୀ ଧାରା
ଯାହାର ପାଦଧୂଳି ଦେହେ ଦେଲେ ବୋଳି
ଛୁଏଁ ନାହିଁ ଦୁଃଖ ପରା
ଯା କୋଳରେ ଥରେ ମଥା ରଖିଦେଲେ
ଆତ୍ମା ହୋଇଯାଏ ତୃପ୍ତି,
ମା ଡ଼ାକିଦେଲେ ମମତା ମୟୀର
ଗରବରେ ଫୁଲେ ଛାତି ।

# ଗୁଣ ହୁଏ ତିରସ୍କୃତ

ଗାୟତ୍ରୀ ମଲିକ୍
+୩ ତୃତୀୟ ବର୍ଷ କଳା

ରୂପର ଝଲମଲ ବଜାରରେ ଆଜି
ଗୁଣ ସବୁ ଯାଇଛି ହଜି...
ଚେହେରାର ଶାସନରେ ଶାସିତ ହେବାକୁ
ହୃଦୟ ହେଉଛି ହେଉଛି ରାଜି...
ବାଧ, ଅସହାୟ, ଦୁଃସ୍ଥ ଆଜି ସବୁ ଗୁଣରାଜି ।
ହୃଦୟର ରାସ୍ତା ଆଜିକାଲି ଅତିକ୍ରମ କରେ
ରୂପର ବିଶାଳ ଫାଟକ ଦେଇ ।
ଚେହେରା, ଆଖି, କାନ, ନାକ, କପାଳ, ଗାଲ,
ଗୋରା ମାଂସାଳ ଶରୀର, ସୁନେଲି ବାଳ
ସମସ୍ତେ ସାଜିଥାନ୍ତି ସୁରକ୍ଷାକର୍ମୀ ଫାଟକରେ...
ଦେଖନ୍ତି ଆଗନ୍ତୁକ ହୃଦୟର ଭୌତିକ ଦେହର
କ୍ଷଣସ୍ଥାୟୀ କ୍ଷଣଶୀଳ ଅଙ୍ଗ ସବୁକୁ,
ତଉଲିଚାଲନ୍ତି ନିଜ ମୋହ ନିକିତିରେ,
ତୁଳନା କରନ୍ତି ତା ପାର୍ଥିବ ଶରୀରର ମୂଲ,
ବିଚାର କରନ୍ତି ତାହା ସମକକ୍ଷ ନା ନୁହେଁ,
ତାଙ୍କଆକର୍ଷଣୀୟ ରୂପ ଲାବଣ୍ୟର ...
ଗୁଣ ପଛେ ରଡ଼ି ରଡ଼ି ଆକୁଳରେ କୁହେ,
ସ୍ୱଚ୍ଛ ମୋର ମନ, ସତ୍ୟ ମୋର ପ୍ରାଣ,
ରୂପ ସିନା ଅଭାବ କିନ୍ତୁ ସ୍ୱଭାବରେ ପୁଣ୍ୟ,
ତା ଚିତ୍କାର ଶୁଣେ ବା କିଏ ?
ରୂପ ନଗରରେ ଗୁଣ ତୀରସ୍କୃତ ହୁଏ...
ରୂପ ନଗରରେ ଗୁଣ ବହିଷ୍କୃତ ହୁଏ...
ଆଉ ଏକ ସଚ୍ଚୋଟ ହୃଦୟ ଆଣେ ରଶୀ,
ଭଲପାଇବାର ବେକରେ ଲଗାଏ ଫାଶୀ ।

# ଗୁରୁ

ଅର୍ପିଣ୍ଣା ମହାନ୍ତି
+୩ ତୃତୀୟ ବର୍ଷ

ଜୀବନକୁ ତୁମ୍ଭ କରି ସମର୍ପଣ, ଆମ ଜୀବନକୁ କର ଆଲୋକିତ,
ମ ର୍ମଣ୍ଡଳେ ଦେହ ବହି ମଣିଷ ତ ନୁହେଁ ତୁମେ ଦେବଦୂତ ॥
ଜୀବନ ଯାତ୍ରା ର ପଥପ୍ରଦର୍ଶକ ତୁମେ, ଆଦର୍ଶର ଦୃଢ଼ ସ୍ତମ୍ଭ,
ତୁମରି ତନୁରେ ଦେଖାଯାଏ ମତେ ତ୍ରିଦେବ ଙ୍କ ପ୍ରତିବିମ୍ବ ॥

ପିତା ମାତା ଆମ ପ୍ରଥମ ଗୁରୁ,
ତାପ ରେ ଜଳନ୍ତି ଜୀବନକୁ ଆମ ଛାଇ ଦେଉଥିବା ତରୁ ॥
ବିଦ୍ୟାଳୟରୁ ମହାବିଦ୍ୟାଳୟ ଯାଏ, ଗୁରୁଙ୍କ ହାତହିଁ ମସ୍ତକେ ଥାଏ,
ତାଙ୍କ ଅପମାନେ ଜୀବନତ ଆମ ଅଙ୍ଗାର ପାଲଟିଯାଏ ॥

ଦୟା କ୍ଷମାରେ ଗୁରୁ ତୁମେ ପୂରିତ,
ଅମର ତ ପୁଣି ଗୁରୁ ରାଧାକ୍ରିଷ୍ଣନ୍ କୋଟି କୋଟି ବରଷ ॥
ନିଷ୍କପଟ ହୃଦେ ତୁମେ କରିଚାଲ ଶିକ୍ଷାଦାନ,
ଶିଷ୍ୟ ସଫଳତା ଦେଖି ଆନନ୍ଦେ ଖେଳଇ ତୁମରି ମନ ॥

ଚରଣ ତୁମର ମୁକ୍ତିର ମାଧ୍ୟମ, ସେ ଚରଣେ ଆମ ଜୀବନକୁ ଦିଅଟିକେ ସ୍ଥାନ,
ଗୋଟିଏ ଦୀନ ନୁହେଁ, ସେ ଚରଣ କୁ ଆମେ ପୂଜିବୁ ନିତିଦିନ ॥
ସାର୍ଥକ ହୋଇଛି ଜୀବନ ଆମର, କରୁଣା ରେ ତୁମର,
ଗୁରୁ ନୁହଁଇ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର, ଗୁରୁହିଁ ସାକ୍ଷାତ୍ ଈଶ୍ୱର ॥

# ଜଗନ୍ନାଥ ସଂସ୍କୃତି ଓ ଚେତନା ପାଇଁ ପଦେ ଭକ୍ତି ଅର୍ଘ୍ୟ

ଆଶିଷ ପଣ୍ଡା

ଦୟା ମୟ ପ୍ରଭୁ ଆହେ ଜଗନ୍ନାଥ ।
ନୀଳାଚଳେ ଅଛ ରହି ॥
ତୁମ କରୁଣାରେ କାଚ ବି କା ନ ।
ପଙ୍ଗୁ ଲଙ୍ଘେଂ ପୁଣି ଗିରି ॥

ବଳଭଦ୍ର ଭାଇ ସୁଭଦ୍ରା ଭଗିନୀ ।
ସାଙ୍ଗରେ ଧରି ରହିଲ ॥
ଭକ୍ତ କଥା ପୁଣି ମନେ ରଖିଛକି ।
କାହିଁ ଅବା ଭୁଲିଗଲ ॥

ଗରୁଡ଼ ପୃଷ୍ଠରେ ବସି ଅବା ପୁଣି ।
ବିଶ୍ୱ ବ୍ରହ୍ମାଣ୍ଡ ବୁଲୁଛ ॥
ଲକ୍ଷ୍ମୀଙ୍କ ହସ୍ତରୁ ଗୋଡ଼ମୋଡ଼ା ଖାଇ ।
ଅନନ୍ତ ଶୟନେ ଅଛ ॥

ଭକତେ ତୁମର ରକତ ସମାନ ।
ଭକ୍ତ ତାର ତୁମ ଖାଦ୍ୟ ॥
ଭକତ ଆଖିରୁ ଲୋତକ ଝରିଲେ ।
ଥରି ଉଠେ ତୁମ ହୃଦ ॥

ଆହେ ବିଶ୍ୱପତି ବ୍ରହ୍ମାଣ୍ଡ ଗୋସାଇଁ ।
କ୍ଷିତି ମଧ୍ୟେ ତୁମ୍ଭେ ଜ୍ୟୋତି ॥
ପତିତ ପାବନ ଉଡ଼ାଇ ପ୍ରଭୁ ହେ ।
ପାପରୁ କର ହେ ମୁକ୍ତି ॥

# ଆହେ ଜଗନ୍ନାଥ

ଦେବସ୍ମିତା ମଲ୍ଲିକ
+୩ ପ୍ରଥମ ବର୍ଷ କଳା

ନୀଳାଚଳ ନାଥ ଆହେ ଜଗନ୍ନାଥ
ତୁମେ ପରା ବିଶ୍ୱ ବ୍ରହ୍ମାଣ୍ଡ ଠାକୁର !
ଶ୍ରୀମନ୍ଦିରେ ତମ ଚହଳ ଶୁଭୁନି
ଶୁଭୁନି ଭକ୍ତ ଙ୍କ ଡାକ !
ରାଗ ଅଭିମାନ ଶାନ୍ତ କର ପ୍ରଭୁ
ଆମେ ପରା ତମ ସନ୍ତାନ ଗଣ !
ଉଦ୍ଧାର କର ଆହେ ନୀଳାଚଳ ନାଥ
କରୋନା ର କର ଅନ୍ତ !
ଆମେ ପରା ତମ ସୃଷ୍ଟିର ସନ୍ତାନ
ଦୋଷକୁ ଆମର କ୍ଷମା କର !

# ମା

ସ୍ମୃତିରେଖା ଦାସ
+୩ ପ୍ରଥମ ବର୍ଷ କଳା

ମା' ଠାରୁ କୌଣସି ଛୋଟ ଶବ୍ଦ ନାହିଁ
କି ମା' ଠାରୁ କିଛି ବଡ଼ ଅର୍ଥ ବି ନାହିଁ
ଏଇ ଦୁନିଆରେ ବିନା ସ୍ୱାର୍ଥରେ
ଯଦି କେହି ଭଲ ପାଉଛି
ତାହେଲେ କେବଳ ଜଣେ ହିଁ ସେଇ 'ମା' ॥

# ସମୟ

ଇପ୍‌ସିତା ସାହୁ
+୩ ଶେଷ ବର୍ଷ କଳା

ଆସିବି ଏକା ଯିବି ବି ଏକା
ସାଥୀରେ ଯିବେନି କେହି
ମନରେ କାହାର ନଦେଇ ବେଦନା
ରହିବା ଏକାଠି ହୋଇ
ଆୟୁଷ ସରିରେ ଜୀବନଟା ଯିବ
ଏକା ପଡ଼ିଥିବ ଶବ
ବ ିବା ସମୟେ କରିଲେ ସୁକାର୍ଯ୍ୟ
ଚିରଦିନ ପାଇଁ ନାଁ ରହିବା ।

# କରୋନା କବିତା

ଅନୁପମା ସାହୁ
+୩ ତୃତୀୟ ବଷ, କଳା

ବିଶ୍ୱରେ ଏମିତି ରୋଗ କେଉଁଠି ଯେ ଥିଲା
ସବୁ ଦେଶକୁ ସେ ହରାଇ ଦେଲା ।
ପ୍ରଥମେ ଜାଣିବା କେଉଁଠୁ ଆସିଲା
କେମିତି କରିଲା ସେ ସବୁ ଦେଶ ହାଲା ।
ଉହାନ୍ ସହରରୁ ହେଲା ସେ ଜାତ
ଚାଇନାକୁ ସେ କରିଦେଲା ନଷ୍ଟ ।
ଦ୍ୱିତୀୟ ପର୍ଯ୍ୟାୟରେ ବୁଲିଲା ଇଟାଲୀ
ତାଣ୍ଡବ ରଚିଲା ସେ ସବୁ ଦେଶ ବୁଲି ।
ପ୍ରଧାନମନ୍ତ୍ରୀ ଯେ କଲେ ଯୋଜନା
ସଙ୍ଗରୋଧ ଆଦି କଲେ ଘୋଷଣା ।
ଜାଣିଥା ଆମେ ଭାଇ ସଚେତନ ହେବା
ବିଶ୍ୱରୁ କରୋନା ଦୂରେଇ ଦେବା ।
ସତ୍ୟ କହି ଭାଇ ଶପଥ କର
ଭାଇରସ୍ ବିଶ୍ୱରୁ କରିବା ଦୂର ।

# ନିରୁପାୟ

ଲିଜାରାଣୀ ନାୟକ
+୨ ଦ୍ୱିତୀୟ ବର୍ଷ, କଳା

ଆଜି କାହିଁକି ମୁଁ ଏତେ ଅସହାୟ
ସବୁ ସ୍ୱପ୍ନ ଲାଗେ ମତେ ମରୀଚିକା ପରି
ଦେହରେ ମୋର ପ୍ରାଣବାୟୁ ଅଛି ହେଲେ
ପ୍ରତୀତ ହୁଏ ମତେ ମୁଁ ଜଡ଼ ଟିଏ....

କେଜାଣି କ'ଣ ପାଇଁ ମୁଁ ନିରୁପାୟ
ହାତ ଗୋଡ଼ କିଏ ବାନ୍ଧି ଦେଇଛି ଯେପରି
ଆଶାର ଆଲୋକ ତ ମୋତେ ଅଦୃଶ୍ୟ
ବଧିର ନୁହେଁ ମୁଁ ବାଧ ମୁକଟିଏ....

କେଉଁ ଉଦ୍ଦେଶ୍ୟ ନେଇ ମୁଁ ଯାଉଥିଲି
ପରିସ୍ଥିତି ଛାଡ଼ିଦେଲା ମୋତେ ବାଟବଣା କରି
ଟଙ୍କା ପଛରେ ଶ୍ୱାନ ଯେସନ ଏ ସମାଜ
ପ୍ରାଣକୁ ମୋର ତିଳତିଳ କରି ଜାଳିଦିଏ....

କିପରି ବ ୍ବି ଏ ସ୍ୱାର୍ଥପର ଦୁନିଆରେ
ସଭିଏଁ ଏଠି ଧନୀକୁ ନିଅନ୍ତି ପାଛୋଟି କରି
ଅର୍ଥ ପାଇଁ ଅନ୍ଧ ଏ ସ୍ୱାର୍ଥାନ୍ଧ ମଣିଷଙ୍କ ପାଖେ
ଭାବନାତକ ମୋ ପାଦେ ଠେଲି ହୋଇଯାଏ....

କେମନ୍ତ ପ୍ରକାରେ ପାଦେ ଆଗକୁ ବଢ଼ିବି
ମୁଁ ନିଜକୁ ନିଜେ ଭାଳି ଯନ୍ତ୍ରଣା ପାଉଛି ଭାରି
ଅଧିକାର ନାହିଁ ମୋର ପଦେ କଥା କହିବାର
ସମ୍ପଦ ଲୋଭୀ ଏ ଦୁନିଆରେ ମୁଁ ଦରିଦ୍ରଟିଏ....

# ସୈନିକ

ଲିସା ସାହୁ
+୩ ଦ୍ୱିତୀୟ ବର୍ଷ କଳା

ଦିନରାତି ଯିଏ ଭୁଲିଯାଇ ଆମକୁ ସୁରକ୍ଷା ଦିଅନ୍ତି
କେହି ନୁହଁ ଆଉ ସେହି ଆମରି ସୈନିକ ବୋଲାନ୍ତି ॥
ଛାଡ଼ି ଘର-ଦ୍ୱାରା, ପରିବାର, ଦିନରାତି କରି ଏକ
ବନ୍ଧୁକ ମୁନରେ ଛାତିକୁ ପତାଇ ସହିଯାନ୍ତି କେତେ ଦୁଃଖ ॥
ଧନ୍ୟତାଙ୍କ ଜୀବନ, ଧନ୍ୟ ତାଙ୍କ ପରିବାର
ଲୋକ ଯେ ସେ ଅଟନ୍ତି ଅତି ପାରିବାର ॥
ରକ୍ତରୁ ଯେ ସେ ଅଟନ୍ତି ବୀରଭାରତୀୟ
ଆର୍ଯ୍ୟ ଦେଶର ସେ ସନ୍ତାନ ଅତି ମହନୀୟ ॥
ଶିରାଶିରାରେ ଭରି ରହିଅଛି ତାଙ୍କର ବୀରପଣ
ସହିଯାନ୍ତି ସବୁ କଷ୍ଟ ଛାତିକୁ କରିଟାଣ ॥
ପରିବାର, ସଂସାର ସୁଖ ଜଳାଞ୍ଜଳି ଦେଇ
ଚାଲିଯାଏ ସେ ଦେଶାର୍ଥେ ଜୀବନ ଦେବା ପାଇଁ ॥
ଗର୍ବ, ଗୌରବ, ବୀରତ୍ୱର ଅଟେ ସେ ଯେ ପ୍ରତୀକ
ସେଥିପାଇଁ ସଭିଏଁ ବୋଲାନ୍ତି ତାକୁ ଯେ ସହୀଦ ॥
ଗର୍ବ କରେ ଏ ଦେଶ ଗର୍ବ କରେ ଏ ଜାତି
କାଳେକାଳେ ଜାତିପ୍ରାଣେ ରହିଥିବ ସେ ଏମିତି ॥
ରଖିବାପାଇଁ ତାର ପ୍ରଣବର ମାନ
ଅକାଳରେ ଦେଇଦିଏ ତା ଅମୂଲ୍ୟ ଜୀବନ ॥
ଗର୍ବ ଗୌରବରେ ଫୁଲି ଉଠେ ଛାତି
ରକ୍ତ ପ୍ରବାହିତ ହୁଏ ଚ    ଳରେ ଅତି ॥
ସେହି ଯେ ବୀର ଭାରତୀୟ ସୈନିକ
ନିଷ୍ଠା, ନମ୍ରତା, ବଳୀଦାନର ସିଏ ଯେ ପ୍ରତୀକ ॥

# ଗୁରୁ

ଲିସା ସାହୁ
+୨ ଦ୍ୱିତୀୟ ବର୍ଷ କଳା

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର,
ଗୁରୁ ଏ ପାର୍ଥୀବ ସଂସାରେ ଅଟନ୍ତି ଏକା ପରମେଶ୍ୱର ॥
ଗୁରୁ ପାଦତଳେ ଅଜାଡ଼ି ଭକ୍ତି ପୁଷ୍ପାଞ୍ଜଳି ମୋହର,
କରୁଅଛି ପ୍ରଣିପାତ ପ୍ରଣାମ ହୋଇ ଆଗଭର ॥
ଗୁରୁ ଯେ ଈଶ୍ୱର, ଗୁରୁ ପିତା, ଗୁରୁ ମାତା,
ଗୁରୁଙ୍କ ପରି ଏ ସଂସାରେ ନାହାଁନ୍ତି କେହିଁ ଦେବତା ॥
ଗୁରୁ ଯେ ଜୀବନ ରଥେ ପ୍ରକୃତ ସାରଥୀ ସାଜନ୍ତି,
ତାଙ୍କ ଆଶୀର୍ବାଦ ପରଶେ କେତେଯେ ଆଲୋକ ବା ନ୍ତି ॥
ସୁନ୍ଦର ସଂସାରକୁ ଗଢ଼ିଛନ୍ତି ପରମାତ୍ମା ପରମେଶ୍ୱର,
ହେଲେ ଛାତ୍ର ଜୀବନରେ ଗୁରୁ ଯେ ପ୍ରଧାନ କାରିଗର ॥
କୁମ୍ଭକାର ପରି ମାଟିପିଣ୍ଡୁଳାକୁ କେତେଯେ ପତନ କରି,
ଗଢ଼ି ଦେଇଥାନ୍ତି କେତେଯେ ଛାତ୍ରଙ୍କୁ ଉ ମ ମାନବ କରି ॥
ସେହି ଏକ ସତ୍ୟ, ଶିବ, ସୁନ୍ଦର, ସେହି ଯେ ଦେବତା ମୋହର,
ମାଗଇ ତାଙ୍କର ଆଶିଷ ପ୍ରଭୁପାଖେ ବାରମ୍ବାର ॥
ଆଜି ଏ ସମାଜ ହୁଅଇ ପତନ ଓ ଧ୍ୱଂସାଭିମୁଖୀ,
କେତେ ଯେ ହିଂସା, ନୈତିକତାର ପତନ, କିଏ ବା ପାରଇ ଦେଖି ॥
କାହିଁ ସେ ସୁନ୍ଦର ସଂପର୍କ କାହିଁ ସେ ମାନବିକତା,
ଗୁରୁଶିଷ୍ୟଙ୍କର ସଂପର୍କ ଆଜିବି ପ୍ରୋପାଗଣ୍ଡା ॥
ସ୍ୱାର୍ଥପର ସମାଜ ଆଜି କ୍ଷମତାରେ ମ ,
ଆଜିରା ସମାଜ ପଥରେ ଖୁର ଅତ୍ୟାଚରିତ ॥
ଦେଖାଇବା ଲାଗି ସମାଜକୁ ଉ ମ ପଥ,
ଧରିବାକୁ ପଡିବ ଗୁରୁଙ୍କୁ ତାଙ୍କର ସେ ଲମ୍ବା ବେତ ॥

# କାଗଜ ଲେଖନୀ ବନ୍ଧନ

ସାଗତିକା ଦାସ
+୩ ଦ୍ୱିତୀୟ ବର୍ଷ କଳା

"ନୀରବେ ବସି କେବେଠୁ ଭାବୁଛି, କିଛି ପଦେ ଦେବି ଲେଖି"
"ଜାଣି ପାରୁ ନାହିଁ କିପରି ଆଜି ମୁଁ,
କଲମ ବକ୍ଷରୁ ରକ୍ତ ପରି ବୋହି ଯାଇ
କାଗଜ ମଧ୍ୟେ ନିଜ କଥାକୁ ଦେବି ଛନ୍ଦି"
"ଛନ୍ଦ ମିଳୁନାହିଁ ପଦ ପଡୁ ନାହିଁ, କିପରି ଲେଖିବି ବସି"
"ମନ ରାଇଜରେ କିଛି ଆଜି କାହିଁ, ଉଙ୍କି ମାରୁ ନାହିଁ ଆସି"
"ଭାବେ ମୁଁ କାଳେ ଲେଖୁ କିଛି, ହେବ ମୋର ଅନୁଭୂତି"
"ସେ ଲାଗି ଆଜି ଲେଖିବି ବୋଲି, କାଗଜ କଲମ ଧରି ପଡ଼ିଛି ବସି"
"ଏତ କାଗଜ ଲେଖନୀ ବନ୍ଧନ,
ଯେତେ ରୋକିଲେ ବି ମିଶି ଯିବେ ଦୁହେଁ ଟିକେ ଥିଲେ ସେଠି ସୁଯଗର ସ୍ଥାନ"

# ସ୍ମୃତି

ସନ୍ତୋଷ ପୃଷ୍ଟି
+୩ ଦ୍ୱିତୀୟ ବର୍ଷ କଳା

ବର୍ଷାଭିଜା ଏଇ ମୋ ମନରେ
ସାଇତା ଅନେକ ପ୍ରେମର ସ୍ମୃତି
ଯାଯାବର ଏଇ ମନରେ ମୋର
ଆଉ କେବେ କେହି କରିବେନି ଘର ॥
ଏଇ ନିଃସ୍ୱାର୍ଥପର ପ୍ରେମର ଆରମ୍ଭ ତୁମରିଠାରୁ
ଏହାର ସମାପ୍ତି ବି ହେବ ତୁମ ଠୁ
ତୁମ ବ୍ୟତୀତ ପ୍ରେମ ପାଇବାକୁ
ଚାହେଁନା ମୁଁ ଆଉ କାହାଠୁ
ଅଳ୍ପକ୍ଷଣ ପାଇଁ ଜୀବନେ ଆସି
ସାରା ଜୀବନର ଅକେଲାପଣ କରିଲଦୂର
ଅକେଲା ନୁହେଁ ଆଜି ମୁଁ
ରହିଛି ତୁମ ସ୍ମୃତି ର ସହିତ
ବ ୍ଛି ଏଇ ଆଶାର ସହିତ
କେବେ ଆସି ଧରିବ ଏଇ ଶୂନ୍ୟହସ୍ତ

# ଭିନ୍ନ ଏକ ସମୟ

ରଶ୍ମିରେଖା ପୃଷ୍ଟି
+୩ ପ୍ରଥମ ବର୍ଷ କଳା

ଅପେକ୍ଷାର ବେଳ ସରୁନାହିଁ କାହିଁ
ବଢି ବଢି ପୁଣି ଚାଲିଛି ।
ପ୍ରଜାପତି ପରି ଉଡ଼ିଯିବା ପିଲା
ଘରେ ଆଜି ବସି ରହିଛି ।
ସାଙ୍ଗ ସାଥିମେଳ ପଡେ ଭାରିମନ
ଆଉ କାହିଁ ଦେଖି ପାରିବି ।
ସ୍ୱପ୍ନ ଆଜି ମୋ ଭାଙ୍ଗି ଭାଙ୍ଗି ଯାଏ
ପାଣିର ଫୋଟକା ପରି ।
କେବେ ଯେ ସରିବ ଅପେକ୍ଷାର ବେଳ
ସେ କଥା ଜଣାତ ନାହିଁ ।
ଏ ଅପେକ୍ଷା ବେଳ କରି ଉପଯୋଗ
କରିବିନି ଆଉ ଏ ସମୟ ନଷ୍ଟ ।
ସମୟ ସହ ମୁଁ ଲଢେଇ କରିବି
କରିବି ସ୍ୱପ୍ନକୁ ସାକାର ।

# ମୋ ଓଡ଼ିଶା

ଦେବସ୍ମିତା ବେହେରା
+୨ ଦ୍ୱିତୀୟ ବର୍ଷ କଳା

ଦେଖିଛି କି କେହି ପାରିବକି କହି
ଓଡ଼ିଶା ପରିକା ରାଜ୍ୟ, (୧)

ମନ୍ଦିର ମାଳିନୀ ସହର ଓଡ଼ିଶା
କି ସୁନ୍ଦର କାରୁ କାର୍ଯ୍ୟ ।
ଦେଖିଥିବ ଯିଏ କୋଣାର୍କ ମନ୍ଦିର
ଯାଇଥିବ ଯିଏ ପୁରୀ,
ଝୁରି ହେଉଥିବ ଓଡ଼ିଶାକୁ ସିଏ (୨)

ଆସିଲେ ବି ଜଗତ ଘୁରି ।
ବାରବାଟୀ ଦୁର୍ଗ ମନ କିଣି ନିଏ
ଧନ୍ୟ ସେ ବିରଜା କ୍ଷେତ୍ର,
ଉଦୟ ଗିରିକୁ ଦେଖିଥିବ ଯିଏ (୩)

ଝୁରୁଥିବ ତା ନେତ୍ର ।
କେତେ ଦର୍ଶନୀୟ ସ୍ଥାନତ ରହିଛି
କହିଲେ ସରିବ ନାହିଁ,
ସେଥିପାଇଁ ପରା ସାରା ଭାରତରେ (୪)

ପ୍ରସିଦ୍ଧ ଓଡ଼ିଶା ଭୂଇଁ ।
କେତେ ହ୍ରଦ ନଦୀ ବହିଯାଉଅଛି
ଏହି ଓଡ଼ିଶାର କୋଳେ,
ଯାର ସ୍ୱଚ୍ଛ ପାଣି ଆଉ ଢେଉ ଖେଳ (୫)

ମନରେ ଘର ତୋଳେ ।
ଚାଳଘର ସବୁ ମନ ଲୋଭା ଭାରି
ମନକୁ ଗର୍ବିତ କରେ,
ସେଠି ଯିଏ ଜନମ ନିଏ (୬)

ତା' ଜୀବନ ଧନ୍ୟ ହୁଏ ।
ସେହି ଓଡ଼ିଶାରେ ଜନମ ମୋହର
ଖୁସିରେ ମନ ନାଚୁଛି,
ତାହାରି ସନ୍ତାନ ହୋଇଛି ବୋଲି (୭)
ନିଜକୁ ଧନ୍ୟ ମଣୁଛି ।

## ବନ୍ଧୁତ୍ୱର ପ୍ରେମ

ରଶ୍ମିରେଖା ପୃଷ୍ଟି
+୩ ପ୍ରଥମ ବର୍ଷ କଳା

ଏକା ଚାଲୁଥିଲି ଯେବେ ଦୁନିଆରେ
ବନ୍ଧୁତ୍ୱର ଭାଷା ଶିଖେଇଲ ତୁମେ ।
ପ୍ରେମଠାରୁ ବଡ଼ ବନ୍ଧୁତ୍ୱ ଆମର
ଭାଙ୍ଗିବନି କେବେ ଏଭଳି ସମ୍ପର୍କ ।
ତୁମେ ମୋ ଜୀବନ ସୁଖର ଆଲୋକ
ବନ୍ଧୁତ୍ୱରେ ତୁମ ପ୍ରେମର ପ୍ରତୀକ ।
ତୁମେ ମୋ ହୃଦୟ ତୁମେ ମୋ ସ୍ପନ୍ଦନ
ତୁମ ବିନା ଅଧା ଏ ରଶ୍ମିର ଜୀବନ ।



## ମନ ମୋର ପ୍ରଜାପତି

ଦେବସ୍ମିତା ମଲ୍ଲିକ
+୩ ପ୍ରଥମ ବର୍ଷ କଳା

ଅସଂଖ୍ୟ ଭାବନାରେ ଗଢା ମୋର ମନ,
ପ୍ରଜାପତି ପରି ଉଡେ ଖାଲି ମନ !
ମନମୋର ପ୍ରଜାପତି ନ ହେଲେ ନାହିଁ,
ଉଡ଼େ ଖାଲି ମନ ମୋର ତାର ଡେଣା ପରି !
ରଙ୍ଗବିରଙ୍ଗ ତାର ଦେହଟି,
ସମସ୍ତଙ୍କ ମନ ମୋହେଟି !
ନାଲି କି ନେଳି ଭଳିକି ଭଳି,
କେତେ ଯେ ରଙ୍ଗ ତାର !
ଫୁଲ ଚାରିପଟେ ବୁଲୁଥାଏ ଖାଲି,
ମଧୁ ଟିକେ ପାଇବା ପାଇଁ !
ମନ ମୋର ଚାହେଁ ଆର ଜନମରେ,
ତା ପରି ଜନମ ନେବି !
ନାହିଁ ଥିବ କିଛି ଦୁଃଖ କି କଷ୍ଟ,
ନାହିଁ ଥିବ ଏ ଜୀବନେ ଅଶାନ୍ତି !
ପ୍ରଜାପତି ତାର ନାଁଟି,
ସମସ୍ତଙ୍କ ମନ ମୋହେଟି !

# ଚିରନ୍ତନୀ

ଗାୟତ୍ରୀ ସଂଗୀତା ସାହୁ
**+୩ ଦ୍ୱିତୀୟ ବର୍ଷ କଳା**

ବୈଚିତ୍ର୍ୟମୟୀ ଉତ୍କଳର
ଅପରୂପ ସଂଭାର
ଅତୁଳବିଭବ ଅମାପ ଐଶ୍ୱର୍ଯ୍ୟ
କୁବେର ସମାନର
ବିଚିତ୍ର କଳେବରା ଆଶୀର୍ବାଦ ଅମୀୟ
ଖଣ୍ଡାୟତ ଖଡ୍‌ଗଧାରୀ
ବିଶ୍ୱରେ ବିଜୟ
ନିଳା ଳ ନିବାସୀୟ
ପ୍ରଭୁଶ୍ରୀ ଜଗନ୍ନାଥ
ଯଶ୍ୱସୀ ଭବ ତେଜସ୍ୱୀ ଭବଃ
ଉତ୍କଳେ ଆଧିପତ୍ୟ

ନିର୍ଝରୀଣୀ ଝରଣାର
ଝରଝର ସେ ଅତୀତ
ଅନୁକ୍ଷଣ ଗାମୀ ତଟିନୀ ବିତୃଷ୍ଣା
ଅବିଶ୍ରାମ ଆସକ୍ତ
ସମକ୍ଷ ପ୍ରକୃତି ବେଳରୁ-ବେଷ୍ଟିତ
ଗିରି କାନନରେ ଭରା
ନିଭଷ୍ଟୁମୀ ସେଇ ଗିରିର ଶୋଭାଟା
ଭାବପ୍ରବଶତା ଭୁବନ ମୋହିନୀ
କାରୁକାର୍ଯ୍ୟେ ଆକର୍ଷିତା
କାରୁକାର୍ଯ୍ୟେ ଆକର୍ଷିତା ।



ଗଦ୍ୟ ବିଭାଗ

# ଆଶାର ଆଲୋକ

ପିଙ୍କିରାଣୀ ରାୟ
**+୩ ପ୍ରଥମ ବର୍ଷ ବିଜ୍ଞାନ**

ଆଲୋକ! ସତରେ କ'ଣ ଗୋଟେ ଅନ୍ଧକାର ପରେ ଗୋଟେ ଆଲୋକ ଆସେ ? ଯାହାକି ଆମ ଜୀବନକୁ ବଦଳେଇ ଦିଏ, ନା ପୁଣି ସେଇ ଅନ୍ଧକାର ସବୁଦିନ ପାଇଁ ଆମ ସାଥି ହୋଇରହିଯାଏ ?

ଏହା ପଛରେ ଅଛି ଗୋଟେ ଅସହାୟ ମା'ର ଲୁହଭରା କାହାଣୀ । ଦେଖାଯାଉ, ସେ ମା'ର ଜୀବନରେ ଆଲୋକ ଆସୁଛି ନା ପୁଣି ତାକୁ ସେ ଅନ୍ଧକାର ସହ ବ ୍ବାକୁ ହେଉଛି ।

ଗୋଟିଏ ରାତିର କଥା, ରାତି କହିଲେ ପାଖାପାଖି ନଅଟା ହେବ, ଲୋକଟି କାମସାରି ନିଜ ସାଇକେଲ୍ ସହ ଖୁସି ମନରେ ଗୀତ ଗାଇ ଘରକୁ ଫେରୁଛି । ହଠାତ୍, ସେ ଏକ ଚିତ୍କାର ଶୁଣିଲା , ଏକ ଅଦ୍ଭୁତ ସ୍ୱର । ସେ ବିଚଳିତ ହୋଇ ନିଜକୁ ପ୍ରଶ୍ନ କରୁଛି "ଏ ସ୍ୱରଟି କାହାର ?" ତାପରେ ସେ ଆଖପାଖ ଖୋଜିବାକୁ ଲାଗିଲା, ହେଲେ କାହାକୁ ବି ଦେଖିଲାନି, ତା ପରେ ସେ ପୁଣି ନିଜକୁ ପ୍ରଶ୍ନ କରୁଛି "ଏଇଟା ଆଉ ମୋ ମନର ଭ୍ରମ ନୁହେଁ ତ ?"-ତା' ପ୍ରଶ୍ନ ନ ସରୁଣୁ, ପୁଣି ସେଇ ସ୍ୱର, ସେ ଆଶ୍ଚର୍ଯ୍ୟ ହୋଇଗଲା, ଶେଷରେ ସେ ଖୋଜି ଖୋଜି ସେ ସ୍ୱର ପାଖରେ ପହ ୍ଲା ।

ସେ ସ୍ୱର, ସେ ଚିତ୍କାର କାହାର ଥିଲା ? ଆସନ୍ତୁ ଦେଖିବା ସେ କିଏ ।

ସେ ସ୍ୱରଟି ଥିଲା ଏକ ବୃକ୍ଷର, ଦେଖିଲେ ଲାଗୁଥାଏ ବହୁତ ପୁରୁଣା । ଲୋକଟି କିଛି ସମୟ ଚୁପ୍ ରହି, କାହିଁକି କାନ୍ଦୁଛ ବୋଲି ପ୍ରଶ୍ନ କଲା, ବୃକ୍ଷଟି ଧିକ୍କାର କରି କହିଲା- ତମେ କ'ଣ ଜାଣିନ ମୁଁ କାହିଁକି କାନ୍ଦୁଛି, ନାଁ ପୁଣି ସବୁ ଜାଣି ବି ନ ଜାଣିବାର ଅଭିନୟ କରୁଛ । ଆରେ, ତମ ମଣିଷ ଜାତି ତ ମତେ କାନ୍ଦିବାକୁ ବାଧ କରିଦେଇଛି । ଯିଏ ଦିନେ ସବୁଜ-ଶ୍ୟାମଳ ଥିଲା, ଆଜି ସେ ଥୁ । ପାଲଟି ଯାଇଛି । ଫୁଲ-ଫଳ-ପତ୍ର ହୀନ ଆଜି ମୁଁ ଏମାନେ ତ ମୋର ସନ୍ତାନ, ଏମାନଙ୍କୁ ନେଇ ତ ମୋର ପରିବାର ହେଲେ ଆଜି ମୁଁ ନିଃସ୍ୱ । ମୁଁ ହେଉଛି ସେଇ ଅସହାୟ ମା' ଯିଏକି ତା' ଆଖି ସାମ୍ନାରେ ତା' ସନ୍ତାନ ମାନଙ୍କର ବିୟୋଗ ଦେଖି ବି ନୀରବ ।

ମହୁ ଆଶାରେ ପ୍ରଜାପତି ଟେ ଆସି ମୋ ଫୁଲରେ ବସୁଥାଏ । ଚଢେଇଟିଏ ତା' ମନକଥା କହୁଥାଏ, ଗୁଣୁଗୁଣୁ ଗୀତ ଗାଉଥାଏ, ପଥିକ ଟିଏ ମୋ କୋଳରେ ବସି ତା' କ୍ଷୁଧା ନିବାରଣ କରୁଥାଏ । "ଆଃ-କି ଶାନ୍ତି", ମାତୃସୁଖ ଲାଭ କରୁଥାଏ ମୁଁ । ହେଲେ ଆଜି, ସେ ମା'ର କୋଳ ଶୂନ୍ୟ, ମୋ ଅନ୍ତର ଯେ କାନ୍ଦି ଉଠୁଛି, ମା' ଡାକ ଶୁଣିବା ପାଇଁ । ହେଲେ କ'ଣ ହେବ ? କିଏ ଶୁଣୁଛି ମୋ ଚିତ୍କାର, କିଏ ଦେଖୁଛି

ମୋ ଲୁହ ? ଏଇଠି ଏମିତି ଗୁମୁରି ଗୁମୁରି କାନ୍ଦୁଛି ମୁଁ । ଏ ସ୍ୱାର୍ଥପର ମଣିଷ ତ ନିଜର ଖୁସି, ବିଳାସମୟ ଜୀବନ ପାଇଁ ମୋ ତ୍ୟାଗକୁ ବି ଭୁଲି ଯାଉଛି ।

ଶେଷରେ ସେ ଅସହାୟ ମା' ଟି କାନ୍ଦି କାନ୍ଦି କହୁଛି-"ଏ ନିରାଶା ତଳେ ଗୋଟିଏ ଆଶା ଲୁଚିକରି ରହିଛି" । ସତରେ କ'ଣ ସେ ଅସହାୟ ମା'ର ଆଶା ପୂରଣ ହେବ, ତା' ଲୁହର ଅନ୍ତ ଘଟିବ, ତା' ଜୀବନରେ ବି ଗୋଟେ ଆଲୋକ ର ଦିନ ଆସିବ । ନା' ପୁଣି ତା' ଆଶା, ଆଶାରେ ରହିଯିବ, ଏ ସମୟ ତାକୁ କହିଦେବ କି ତାକୁ ସାରାଜୀବନ ଏଇ ଅନ୍ଧକାର ସହ ବ ୍ବାକୁ ହେବ ।

# ମାଆଙ୍କର କୁନି ପରୀ

ଲିପ୍ସା ପଣ୍ଡା
+୩ ପ୍ରଥମ ବର୍ଷ ବିଜ୍ଞାନ

Girl: A simple and common word, we all know from childhood, but who actually understand?

ଆମେ ସମସ୍ତେ ଗୋଟେ ଝିଅକୁ ବିଭିନ୍ନ ରୂପରେ ଦେଖିଥାଉ: ଯଥା- ମାଆ, ଭଉଣୀ, ସାଙ୍ଗ, ସ୍ତ୍ରୀ ଏବଂ କନ୍ୟା, କିନ୍ତୁ ସେମାନଙ୍କର ଏହି ରୂପମାନ କୁ କେବେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଏହି କାହାଣୀ ଦେଶର ସେହି ଶିଶୁକନ୍ୟା ମାନଙ୍କର ଯାହାର ପରିବାର ଲୋକ ତାକୁ ଏକ ବୋଝ ଭାବନ୍ତି ।

ମୁଁ ଏହି ପୃଥିବୀର ଏକ ନୂଆ ସଦସ୍ୟ ଅଟେ, ଯାହାକୁ ଆସିବାର ମାତ୍ର କିଛି ଘ ।ହୋଇଛି । ମତେ ଏକ ନର୍ସ ମେଡିକାଲ୍ ବେଡ୍‌ରେ ଶୁଆଇ ଦେଲେ । ସେଠି ମୁଁ ମୋର କୁନି ଆଖି ଖୋଲିଲି ଏବଂ ଦେଖିଲି ମୋ ବେଡ୍ ନିକଟରେ ଥିବା ବେଡ୍ ରେ ଏକ ସୁନ୍ଦର ମହିଳା ନିଜ ଆଖିରେ ଅସୀମ ଆନନ୍ଦ ନେଇ ଶୋଇଥିଲେ । ସେଥିଲେ ମୋର 'ମାଆ' । ଇଚ୍ଛାତ ବହୁତ ହେଉଥିଲା ନିଜର କୁନି ମୁହଁରେ ତାଙ୍କୁ ଥରେ ମାଆ ବୋଲି ଡାକିବି, କିନ୍ତୁ ମୁଁ ଭୁଲିଯାଇଥିଲି ମତେ ଜନ୍ମ ହେବାର ମାତ୍ର ଗୋଟିଏ ଦିନ ହେଇଛି । କିଛି ସମୟପରେ ସେ ନିଦରୁ ଉଠିଲେ ଏବଂ ଏକ ନୂତନ ଆଶାର ସହ ମତେ ଦେଖିଲେ । ମୁଁ ତାଙ୍କର କୁନି ପରୀ ଥିଲି ଯାହାପାଖରେ ସେ ନିଜର ମାତୃତ୍ୱ ର ଆନନ୍ଦ ପାଉଥିଲେ । ସେ ଆଖିରେ ଉଜ୍ଜ୍ୱଳତା ଏବଂ ଉଲ୍ଲାସତା ସ୍ପଷ୍ଟ ଦେଖିପାରୁଥିଲି ମୁଁ । ବୋଧ ହୁଏ ସେ ମୋ ଅନ୍ତରର 'ମାଆ' ସ୍ୱର ଶୁଣିପାରୁଥିଲେ ।

ହଠାତ୍ ବାହାରୁ ଏକ ନିରାଶାର ଶବ୍ଦ ଶୁଣାଗଲା, "ଏକ ଶିଶୁ କନ୍ୟାକୁ ଆମ ଘରେ ଜନ୍ମ ଦେଇ ଭଗବାନ ଆମ ସହ କିଛି ଠିକ୍ କଲେ ନାହିଁ",

ଏହି ଶବ୍ଦ ମୋ ପରିବାର ଲୋକଙ୍କର ଥିଲା, ଯେଉଁମାନେ ନିଜ ପରିବାରରେ ଏକ ଶିଶୁ କନ୍ୟାକୁ କେବେ ଆଶା କରିନଥିଲେ ।

ଏହା ଶୁଣି ମୋର ମାଆ ମତେ ନିଜର ବାହୁ ଘେରାକୁ ସାଉଁଟି ନେଲେ ଏବଂ ନିଜ ହୃଦୟରେ ଜାବୁଡି ଧରିଲେ, ଯେପରି ଆଉ କିଛି ସମୟ ପରେ ତାଙ୍କୁ ତାଙ୍କର ମାଆ ହେବାର ଅଧିକାରରୁ ମୁକ୍ତ କରିଦିଆଯିବ । ଏକ ଚିନ୍ତା ଓ ଭୟର ମିଳିତ ପ୍ରଭାବ ତାଙ୍କ ମୁହଁରୁ ସ୍ପଷ୍ଟ ବାରିହେଉଥିଲା । ହଠାତ୍ ତାଙ୍କ କପାଳରେ ଏକ କୋମଳ ହାତର ସ୍ପର୍ଶକୁ ଅନୁଭବ କରି ସେ ଶାନ୍ତ ହେଲେ । ସେହି ହାତ ତାଙ୍କ ମାଆ ମାନେ ମୋ ଆଈଙ୍କର ଥିଲା । ଏହି ଦୃଶ୍ୟ ସ୍ପଷ୍ଟ କରୁଥିଲା ଯେ, ଅତୀତରେ ସେ ମଧ୍ୟ ଏହିଭଳି ଏକ ପରିସ୍ଥିତି ର ସମ୍ମୁଖୀନ ହୋଇଥିଲେ । ମାଆ ତାଙ୍କୁ ଜାବୁଡ଼ି ଧରି କାନ୍ଦିବାକୁ ଲାଗିଲେ । ଏହି ଲୁହ ମୋର ଭବିଷ୍ୟତ ପାଇଁ ଥିଲା ଯାହା କିଛି ଘ ାର ଥିଲା ନା କିଛି ବର୍ଷର ଥିଲା ସେ ନିଜେ ମଧ୍ୟ ଜାଣି ନଥିଲେ ।

# ଅହଙ୍କାର ପରାଜୟ

**ଡକ୍ଟର ବିଷ୍ଣୁ ଚରଣ ଦାସ**
**ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ**

ମହାଭାରତ ଯୁଦ୍ଧ ଅନେକ ଦିନ ବାକି ଥାଏ, ଅର୍ଜୁନ ଶ୍ରୀକୃଷ୍ଣଙ୍କର ପୂଜା ପାଇଁ ପଦ୍ମଫୁଏ ସଂଗ୍ରହ କରିବାକୁ ବାହାରିଲେ । ସେ ବୁଲି ବୁଲି ଯାଇ ବଦରି ବନରେ ଥିବା ଏକ ପଦ୍ମ ପୋଖରୀ ନିକଟରେ ପହ ୍ଲେ । ସେ ପଦ୍ମ ପୋଖରୀକୁ ହନୁମାନ ଜଗି ରହିଛନ୍ତି । ଅର୍ଜୁନ ପୋଖରୀରେ ପଶି ପଦ୍ମଫୁଲ ତୋଳିବାରେ ଲାଗିଲେ । ହନୁମାନଙ୍କ କଥାଟା ଭଲ ଲାଗିଲା ନାହିଁ । ମୁଁ ଏ ପୋଖରୀ ଜଗି ରହିଛି କେବେଠାରୁ ଅଥଚ ଏ ଯୁବକ.... ହନୁମାନ କ୍ଷୁବଧ୍ ହୋଇ ପଚାରିଲେ ହେ ଯୁବକ ତୁମେ କିଏ ? କ'ଣ ପାଇଁ ଫୁଲ ତୋଳୁଛ ? ଯୁବକ ଉ ର ଦେଲେ ମୁଁ ଅର୍ଜୁନ, ପୂଜା ପାଇଁ ଫୁଲ ତୋଳୁଛି । ହନୁମାନ କହିଲେ ତୁମ କଥାରୁ ଜଣାପଡୁଛି, ତୁମେ ସଭ୍ୟ, ଶିକ୍ଷିତ, ରାଜବଂଶୀ । ଫୁଲ ତୋଳୁଛ ଭଲ କାମ ପାଇଁ ମାତ୍ର ଭୁଲ ବାଟରେ ପଚରା ଉଚରା ନାହିଁ, ଅନୁମତି ନେବା ନାହିଁ ସିଧା ଆସି ଫୁଲ ତୋଳିବାରେ ଲାଗିପଡ଼ିଛ । ଅର୍ଜୁନ କହିଲେ ପୂଜା ପାଇଁ ଫୁଲ ତୋଳୁଛି । ଏପରି ଏକ ଛୋଟ ଜିନିଷ ପାଇଁ ଅନୁମତି ନେବା କ'ଣ ଦରକାର । ହନୁମାନ କହିଲେ ଜିନିଷ ଛୋଟ ହେଉକି ବଡ଼ ନ ଜଣେଇ ନେବା ମାନେ ଚୋରି । ପୂଜା କରିବା ପାଇଁ ଫୁଲ ଚୋରି କରୁଛ ? ହୋଉ ଏବେ କୁହ କାହାର ପୂଜା ପାଇଁ ଫୁଲ

ତୋଳୁଛ ? ଅର୍ଜୁନ କହିଲେ ଶ୍ରୀକୃଷ୍ଣଙ୍କର ପୂଜା ପାଇଁ । ହନୁମାନ ମନେ ମନେ ହସିଲେ, କହିଲେ ଠିକ୍ ଅଛି ଯେତେଇଚ୍ଛା ଫୁଲ ନିଅ । ଅର୍ଜୁନ ପଚାରିଲେ ତୁମେ ହସୁଛ କ'ଣ ପାଇଁ ? ହନୁମାନ କହିଲେ ଯେଉଁ ଭଗବାନ ସ୍ୱୟଂ ଚୋର ତାର ପୂଜା ପାଇଁ ଫୁଲ ଚୋରି ହୋଇ ଆସିବ ନାହିଁତ ଆଉ କ'ଣ ?

ଏହାଶୁଣି ଅର୍ଜୁନ କୋପିତ ହୋଇଗଲେ, କହିଲେ ହଁ ହଁ ମୁଁ ବି ଜାଣିଛି ତମର ଭଗବାନ କେତେ ପାରିବାର, ପରାକ୍ରମୀ, ଧନୁର୍ଦ୍ଧାରୀ, ସିଏ ଏଇ ଛୋଟ ଛୋଟ ମାଙ୍କଡ଼ ଓ ଭାଲୁ ମାନଙ୍କୁ ସହାୟତାରେ ସମୁଦ୍ରରେ ବନ୍ଧ ତିଆରି କଲେ । ଏତେ ବଡ଼ ଧନୁର୍ଦ୍ଧର ଧନୁସରରେ ସେତୁ ବାନ୍ଧିପାରିଲେନି ? ଧନୁତୀରରେ ସାଙ୍ଗେ ସାଙ୍ଗେ ସେତୁବନ୍ଧ ହୋଇଯିବ, ସିଏ ଏମିତିଆ ମହାରଥୀ ଥିଲେ ଯେ ନୀରିହ, ନିଷ୍ପାପ ଜୀବ ମାନଙ୍କର ସାହାଯ୍ୟ ନେଲେ । ଏଇଥିରେ ସେ ଏତେ ବଡ଼ ପ୍ରଭୁ ।

ହନୁମାନ ପଚାରିଲେ ତୁମେ ତ ବଡ଼ ଧନୁର୍ଦ୍ଧର ପରି ଜଣାପଡୁଛ । କଣ ତୁମେ ସର ସନ୍ଧାନରେ ସମୁଦ୍ର ଉପରେ ସେତୁ ବାନ୍ଧି ପାରିବ ? ଅର୍ଜୁନ କହିଲେ, ଇଏତ ସାମାନ୍ୟ କଥା, ବାଏଁ ହାତକା ଖେଲ, ଅବିଳମ୍ବେ କରିପାରିବି । ହନୁମାନ କହିଲେ ଦେଖଭାଇ ସେ ବାନର, ଭାଲୁ ଯିବା ଆସିବା କରୁଥିଲେ, ଲକ୍ଷ୍ମଣ, ପ୍ରଭୁ ଶ୍ରୀରାମ ମଧ୍ୟ ସେ ସେତୁ ଉପରେ ଯିବା ଆସିବା କରିଥିଲେ ଓ ସେତୁଟି ଅତୁଟ ଥିଲା । ତୁମେ ସର ସଂଧାନରେ ଯେଉଁ ସେତୁ ନିର୍ମାଣ କରିବ, ଏ ସାମାନ୍ୟ ବାନରଟି ସେ ସେତୁ ଉପରେ ଯାଇପାରିବ ତ ? ସେ ସେତୁ ମୋର ଭାର ବହନ କରିପାରିବତ ? ଯଦି ସେ ସେତୁ ଉପରେ ଏ ଗୋଟିଏ ବାନର ଚାଲିଯିବାରେ ସମର୍ଥ ହେବେ, ସେତୁଟି ଅତୁଟ ରହିବ ତେମେ ଜାଣିବା ତୁମେ ବଡ଼ ଧନୁର୍ଦ୍ଧର ବୀରବର ।

ଅର୍ଜୁନ କହିଲେ ଠିକ୍ ଅଛି, ମୁଁ ଏବେ ସେତୁ ନିର୍ମାଣ କରୁଛି ତୁମେ ତା ଉପରେ ଚାଲିକି ଦେଖ । ହନୁମାନ କହିଲେ ମୁଁ ସେ ସେତୁ ଉପରେ ଚାଲିବା ଦ୍ୱାରା ଯଦି ତାହା ଭାଙ୍ଗିଯାଏ, ତେବେ କଣ ହେବ ? ଅର୍ଜୁନ କହିଲେ ଦେଖଭାଇ ସେତୁ ଭାଙ୍ଗିବାର ନାହିଁ, ଆଉ ଯଦି ଭାଙ୍ଗିଯାଏ ତେବେ ମୁଁ ପ୍ରାଣ ବିସର୍ଜନ କରିବି । ମୁଁ କ୍ଷତ୍ରିୟ ମୋର କଥା ଅଟଳ । ହଁ ଯଦି ସେତୁଟି ନଭାଙ୍ଗିଲା, ତେବେ ତୁମେ କଣ କରିବ ? ହନୁମାନ କହିଲେ ତୁମେ ଯାହା କରିବାକୁ କହିବ, ମୁଁ ସେଇଆ କରିବି ହଉ ଆଉ ଡେରି କାହିଁକି ?

ଅର୍ଜୁନ ସର ସନ୍ଧାନ କରି ଏକ ସୁନ୍ଦର ଆକର୍ଷଣୀୟ ସେତୁ ନିର୍ମାଣ କରିଦେଲେ । ହନୁମାନ କହିଲେ କଣ ଭାଇ ବଢ଼ିଆ, ସୁରମ୍ୟ ସେତୁ ହୋଇଛି, ତା ଉପରେ ଚାଲିବାକୁ ଇଚ୍ଛା ହେଉନି, କଣ କରିବା । ଯଦି ତୁମେ କହିବ ମୁଁ ତା ଉପରେ ଚାଲିବି, ଅର୍ଜୁନ କହିଲେ ହଁ ତୁମେ ଚାଲିକି ପରୀକ୍ଷା କରିପାର ।

ହନୁମାନ ସେତୁ ନିକଟକୁ ଗଲେ, ନିଜର କାୟା ବଢାଇ ବିଶାଳ ଆକାର ଧାରଣ କଲେ । ଏତେ

ବଡ଼ ଆକାରଯେ ଆକାଶରେ ଆଉ ସୂର୍ଯ୍ୟ ଦେଖା ଗଲେନାହିଁ । ଏହା ଦେଖି ଅର୍ଜୁନଙ୍କ ମନରେ ଭୟ ଓ ଆଶଙ୍କା ସଂଚାର ହେଲା, କଣ ହେବ ଏବେ ? ହନୁମାନ ଜୟ ଶ୍ରୀରାମ କହି ଗୋଟିଏ ପାଦ ସେ ସେତୁ ଉପରେ ରଖନ୍ତେ, ସେତୁଟି ପାତାଳଗାମୀ ହେଲା, ହନୁମାନ ପଚାରିଲେ କଣ ବୀରବର ଧନୁର୍ଦ୍ଧର ଭାଇ, ଏବେ ତୁମର ସେତୁ ଆଉ ଦେଖାଯାଉନାହିଁ, ମୋର ଗୋଟିଏ ପାଦର ଭାର ବହନ କରିପାରିଲା ନାହିଁ । ସେତୁ ତ ସଂପୂର୍ଣ୍ଣ ଅଦୃଶ୍ୟ, ଏତେ ବଡ଼ ବଡ଼ କଥା କହୁଥିଲ ଯେ ଅର୍ଜୁନ କହିଲେ, ଏବେ ବେଳ ଆସିଗଲା । ସେତୁ ବନାଇବାବାଲା ବି ଅଦୃଶ୍ୟ ହେବ ।

ଅର୍ଜୁନ ଲାଜରେ ଝାଉଁଳି ପଡ଼ିଲେ, କହିଲେ ଠିକ୍ ଅଛି ମୁଁ ହାରିଯାଇଛି, ସର୍ତ୍ତ ଅନୁସାରେ ଅଗ୍ନିରେ ଝାସ ଦେବି । ସେ କାଠ ସଂଗ୍ରହ କରି ଅଗ୍ନି ସଂଯୋଗ କରିବାକୁ ଉଦ୍ୟମ ଆରମ୍ଭ କଲେ । ଏହା ଦେଖି ହନୁମାନ ତାଙ୍କୁ କହିଲେ, ଦେଖ ଭାଇ ଜୀବନ ବହୁତ ମୂଲ୍ୟବାନ, ଆତ୍ମହତ୍ୟା ମହାପାପ, ସର୍ତ୍ତ ଆମ ଦୁଇଜଣଙ୍କ ମଧ୍ୟରେ ସୀମିତ, ତୃତୀୟ ବ୍ୟକ୍ତି କେହି କିଛି ଜାଣି ନାହାଁନ୍ତି ଏଠାରେ କଣ ଘଟିଲା । ତୁମେ ପ୍ରାଣ ବିସର୍ଜନ କରନା ମୁଁ ଏକଥା ବାହାରେ ପ୍ରକଟ କରିବି ନାହିଁ, ଅର୍ଜୁନ କହିଲେ ଆଉ କଟା ଘାଆରେ ଚୁନମାରନି, ମୁଁ କ୍ଷତ୍ରିୟ, କ୍ଷତ୍ରୀୟଧର୍ମ ପାଳନ ମୋର ପ୍ରଧାନ କର୍ତ୍ତବ୍ୟ । ଏ ସମାଜ ମତେ କଣ କହିବ ? ଜାନ୍ ଯାଏ ପର ବଚନ ନଯାଏ । ମୁଁ ମୋର କଥା ନିଶ୍ଚିତ ରକ୍ଷା କରିବି ।

ହନୁମାନ ଯେତେ ବୁଝାସୁଝା କଲେ ବି ଅର୍ଜୁନ ନିଜ ଜିଦ୍‌ରେ ଅଟଳ ରହି କାଠ ସଂଗ୍ରହ କରି ଠୁଳ କରିବାରେ ଲାଗିଲେ । ହନୁମାନ ବିବ୍ରତ ହୋଇପଡିଲେ । ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କଲେ, ହେ ଭକ୍ତ ବତ୍ସଳ ଅର୍ଜୁନ ମରିବାକୁ ଯାଉଛି ତାକୁ ରକ୍ଷା କର । ଭୁ ଦୟାମୟ ଏକ ବ୍ରାହ୍ମଣ ବେଶରେ ପଥଭ୍ରଷ୍ଟା ପଥଚାରି ଭାବରେ ସେଠାରେ ପହଞ୍ଚିଲେ, ହନୁମାନ ଟିକେ ଆଶ୍ୱସ୍ତ ହେଲେ, ଭାବିଲେ ଯାହାହେଉ ଏବେ ବିଚରା ଅର୍ଜୁନଟା ବଞ୍ଚିବ ।

ବିପ୍ରବର ପଚାରିଲେ କଣ ଭାଇ ଏଠି କଣ ହେଉଛି କି ? କଣ ଭୋଜି ଭାତର ଆୟୋଜନ ଚାଲିଛି ନା କଣ ? ମୁଁ ଏ ଜଙ୍ଗଲରେ ବାଟ ଭୁଲି ଏଠାରେ ପହଞ୍ଚିଛି, ମତେ ବି ଭୋକ ଲାଗୁଛି ଜଲଦି ଜଲଦି ରୋଷେଇ ଆରମ୍ଭ କର । ଅର୍ଜୁନ କହିଲେ ଏଠାରେ ଭୋଜିତ ଆୟୋଜନ ହେଉନି । ଅର୍ଜୁନ କହିଲେ ଆମ ଦୁଇଜଣଙ୍କ ମଧ୍ୟରେ ସର୍ତ୍ତ ଲାଗିଥିଲା, ସର୍ତ୍ତରେ ମୁଁ ହାରି ଯାଇଛି, ସର୍ତ୍ତ ମୁତାବକ ମୁଁ ଅଗ୍ନିରେ ପ୍ରାଣ ବିସର୍ଜନ କରିବି । ସେଥିପାଇଁ କାଠର ସଂଗ୍ରହ ହୋଇଛି । ହେ ବିପ୍ର ଆପଣ କୁହନ୍ତୁ ମୁଁ ପ୍ରାଣ ବିସର୍ଜନ କରିବା ଠିକ୍ କି ନୁହେଁ ? ମୁଁ କ୍ଷତ୍ରୀୟ, କ୍ଷତ୍ରୀୟ ଧର୍ମର ପାଳନ କରିବା ମୋର ଧର୍ମ ନୁହେଁ କି ? ଭଗବାନ କହିଲେ, ହଁ ତୁମେ ତ ପୁରା ଠିକ୍ କହୁଛ, ସର୍ତ୍ତରେ ତୁମେ ହାରି ସାରିଛ, କ୍ଷତ୍ରୀୟ ଧର୍ମ ପାଳନ ତୁମର ପ୍ରଧାନ କର୍ତ୍ତବ୍ୟ,

ତେଣୁ ପ୍ରାଣ ବିସର୍ଜନ କରିବା ଉଚିତ୍, ତୁମେ ଯଥା ଶୀଘ୍ର ପ୍ରାଣ ବିସର୍ଜନ କରିନିଅ ।

ଏହାଶୁଣି ହନୁମାନ ବ୍ୟଥିତ ହୋଇପଡିଲେ ଏ କଣ ? ମୁଁ ପ୍ରଭୁଙ୍କୁ ଆମନ୍ତ୍ରଣ କଲି ଅର୍ଜୁନର ପାଣ ରକ୍ଷା କରିବାକୁ, ମାତ୍ର ସେ କହୁଛନ୍ତି, ତାକୁ ମରିବାକୁ, ବଡ଼ ବିଚିତ୍ର !

ବିପ୍ରବର ଅର୍ଜୁନଙ୍କୁ କହିଲେ, ଠିକ୍ ଅଛି ତୁମର ମରିବା ଉଚିତ୍ ଓ ତୁମେ ମରିବ, ତେବେ ଏତେ ବ୍ୟଗ୍ର କଣ ପାଇଁ ? ମତେ ଟିକେ କୁହ, ତୁମ ଦୁହିଁଙ୍କ ମଧ୍ୟରେ ସ ର୍ଲାଗିଲା ବେଳେ ତୃତୀୟ ବ୍ୟକ୍ତି କିଏ ଥିଲାକି ? ଅର୍ଜୁନ କହିଲେ ନା ଆମ ଦୁହିଁଙ୍କଛଡ଼ା ଆଉ କେହି ନଥିଲେ । ବିପ୍ରବର କହିଲେ ହାର ଜିତ୍ ଜାଣିବା ପାଇଁ ବିଚାରକ ଭାବରେ ଭାବରେ ତୃତୀୟ ବ୍ୟକ୍ତି ନିହାତି ଦରକାର । ବିଚାରକ ବିନା ହାରଜିତ୍ ର ଫଏସଲା ଗ୍ରହଣୀୟ ନୁହେଁ । ଏବେ ମୁଁ ସେ ତୃତୀୟ ବ୍ୟକ୍ତି ବିଚାରକ । ଆଉଥରେ ପ୍ରତିଯୋଗୀତା ଆରମ୍ଭ କରବା, ଯିଏ ହାରିବ, ସ ର୍ଅନୁଯାୟୀ କ ର୍ବ୍ୟ ପାଳନ କରିବ । କଣ ତୁମେ ଦୁହେଁ ରାଜିତ । ଅର୍ଜୁନ ତୁମେ ଆଉଥରେ ସର ସନ୍ଧାନ କରି ସେତୁ ନିର୍ମାଣ କରିପାରିବତ ? ଅର୍ଜୁନ କହିଲେ କରିପାରିବି, ହନୁମାନ ବି ରାଜିହୋଇଗଲେ ।

ଅର୍ଜୁନ ସର ସନ୍ଧାନ କରି ପୁନର୍ବାର ଏକ ସୁନ୍ଦର ସେତୁ ନିର୍ମାଣ କରିଦେଲେ । ବିପ୍ର ଏବେ ହନୁମାନଙ୍କୁ କହିଲେ ଏବେ ସେତୁ ପ୍ରସ୍ତୁତ ତୁମେ ତା ଉପରେ ଚାଲିପାର ।

ହନୁମାନ ସେତୁ ନିକଟକୁ ଯାଇ, ତାଙ୍କର ବିଶାଳ କାୟରୂପ ଧାରଣ କଲେ । ଅର୍ଜୁନ ମନେ ମନେ ପ୍ରମାଦ ଗଣିଲେ, ପୁଣି ଏ ସେତୁ ଭାଙ୍ଗିଯିବ । ମୋର ଦିନ ସରିଯାଇଛି । ହେ ଦିନମଣି ମୋର ମରିବା ନିଶ୍ଚିତ । ବିପ୍ରବର ଏ ବିଶାଳ ରୂପଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ । ଭାବିଲେ ଏ ସେତୁ ପୁଣି ଚୁରମାର ହୋଇଯିବ । ତେଣୁ କଇଁଛ ହୋଇ ସେତୁର ନିମ୍ନଭାଗରେ ଯାଇ ରହିଗଲେ ।

ହନୁମାନ ସେତୁଉପରେ ଚାଲିବା ଆରମ୍ଭ କଲେ, ସେତୁ ଉପରେ ଜୟ ଶ୍ରୀରାମ କହି ନାଚକୁଦ କଲେ । ସେତୁ ଅତୁଟ ରହିଲା ।  ସେତୁ ଆରପରିରୁ ଫେରିଲେ । ଆଶ୍ଚର୍ଯ୍ୟହେଲେ, ଏ କଣ ? ପୁରା ଚମତ୍କାର ! ଟିକେ ସମୁଦ୍ର ଜଳକୁ ନିରୀକ୍ଷଣ କଲେ । ଦେଖିଲେ ସେତୁର ତଳେଅଛି ବିଶାଳ କାୟ କଇଁଛ, ନାକରୁ ରକ୍ତଶ୍ରାବ ହେଉଛି, ସମୁଦ୍ର ଜଳ ଲାଲ ହୋଇ ଯାଉଛି । ହନୁମାନ ପ୍ରଣାମ କଲେ, ପ୍ରଭୁ ଏ କଣ କଲ ? ଏ କି ପ୍ରକାର ଖେଳ ? ଏବେ ତ ବାହାରି ଆସ, ଜାଣିଲି ତୁମେ ଭକ୍ତବତ୍ସଳ, ଭକ୍ତର ବଡ଼ପଣ ରକ୍ଷା କରିବା ପାଇଁ ତୁମେ କିଛି ବି କରିପାର । ହନୁମାନ କହିଲେ ଅର୍ଜୁନ ତୁମେ ଏବେ ଜିତିଯାଇଛ । ଏବେ ମତେ କୁହ ମୁଁ କଣ କରିବି ?

ଅର୍ଜୁନ ବିଶ୍ୱାସ କରିପାରୁନଥାନ୍ତି । ଭାବିଲେ ଓହୋ ବ ୍ଗଲି, ପୈତୃକ ପ୍ରାଣଟା ରକ୍ଷା ହୋଇଗଲା ।

ମୁହଁରେ ଝାଳ ଓ ହସ ଢେଉ ମାରୁଥାଏ । ମନେ ମନେ ଭାବିଲେ ଏବେ ବାନରକୁ ଭଲକରି ପାନେ ଦେବି । ଏବେ ବତଉଛି ତତେ କଣ କରିବାକୁ ହେବ । ଅର୍ଜୁନ ଆତ୍ମହରା ।

ବିପ୍ରବର କହିଲେ, କଣ ଏବେ ଦେଖିଲତ, ତୁମର ମରିବା ଦରକାର ନାହିଁ । ହନୁମାନ କହିଲେ ହଉ ଏବେ ମତେ ସ ର୍ ଅନୁସାରେ କଣ କରିବାକୁ ହେବ କୁହ । ମୁଁ ପ୍ରସ୍ତୁତ ଅର୍ଜୁନ କାର୍ଯ୍ୟାଦେଶ ଶୁଣାଇବାକୁ ଉଦ୍ୟତ ହେଉଥିଲେ, ଶ୍ରୀକୃଷ୍ଣ ନିଜ ରୂପ ଧାରଣ କରି ଅର୍ଜୁନଙ୍କୁ ରୋକିଲେ, କହିଲେ ଏବେ ଥାଉ, ଦରକାର ବେଳେ କାର୍ଯ୍ୟାଦେଶ ମିଳିବ, ଏବେ ତରବର ହୁଅନା ।

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ପର୍ଯ୍ୟାୟରେ ପହ ୍ ଯାଇଛ, ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଡାକି କହିଲେ, ଏବେ ହନୁମାନଙ୍କୁ କାର୍ଯ୍ୟାଦେଶ ଦେବାର ଉପଯୁକ୍ତ ସମୟ ଆସିଗଲା । ଚାଲ ଯିବା ସେ ବାନର ମହାରାଜଙ୍କ ନିକଟକୁ । ଅର୍ଜୁନ କହିଲେ ସଖା, ଏ ମହାସମରରେ ଗୋଟିଏ ସାମାନ୍ୟ ମର୍କଟର ଆବଶ୍ୟକତା କଣ ରହିଛି ? ମୁଁ ନର ହୋଇ ଏକ ବାନରର ସାହାଯ୍ୟ ନେବି କଣ ପାଇଁ ? ଶ୍ରୀକୃଷ୍ଣ କହିଲେ ଠିକ୍ ଅଛି ତୁମେ ତ ନର, ନାରାୟଣଙ୍କ ଆବଶ୍ୟକତା ବା କଣ ପାଇଁ ଦରକାର ? ତୁମେ କୁହ ଏ ମହାସମରରେ ମୋର ବା ଆବଶ୍ୟକତା କଣ ? ମନ୍‌ମାନି ଛାଡ଼ ଏବେ ଚାଲ ଯିବା । ଶୀକୃଷ୍ଣ ଓ ଅର୍ଜୁନ ହନୁମାନଙ୍କ ନିକଟରେ ପହ ୍ ପୂର୍ବରୁ ଜାଚିତ ବରକଥା ମନେ ପକାଇଦେଲେ । ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁଯାୟୀ, ଅର୍ଜୁନ ହନୁମାନଙ୍କୁ ମହାଭାରତ ଯୁଦ୍ଧରେ ଯୋଗଦେବା ପାଇଁ ନିମନ୍ତ୍ରଣ କଲେ ଓ ତାଙ୍କ ରଥର ଶୀର୍ଷରେ ରହିବାକୁ କହିଲେ । ହନୁମାନ ଶ୍ରୀକୃଷ୍ଣଙ୍କୁ କହିଲେ, ମୁଁ ଯୋଗ ଦେବି ହେଲେ ମୋର ଗୋଟି ସ ର୍ ତୁମେ ପୁରଣ କରିବ । ଯୁଦ୍ଧ ସମୟରେ ମୋତେ ନୀତିଶାସ୍ତ୍ର ସମ୍ବନ୍ଧୀୟ ସତ୍ ଉପଦେଶ ଶୁଣାଇବ । ଶ୍ରୀକୃଷ୍ଣ କହିଲେ ଆରେ ସେଠାରେ ଯୁଦ୍ଧ ହେବାକୁ ଯାଉଛି, ମହାଯୁଦ୍ଧ ସତ୍‌ସଙ୍ଗ ନୁହେଁ । ହନୁମାନ କହିଲେ ମୋ ପ୍ରଭୂ ରାମଚନ୍ଦ୍ର ତ ଯୁଦ୍ଧ ସମୟରେ ଟିକେ ସମୟ ପାଇଲେ ଆମକୁ ସତଉପଦେଶ, ମହତବାଣୀ ଶୁଣାଇଥିଲେ । ତୁମକୁବି ସେଇଆ କରିବାକୁ ହେବ । ଶ୍ରୀକୃଷ୍ଣ କହିଲେ ହଉ ବାବା ତୁମେ ଆସ, ମୁଁ ତୁମ କଥା ରକ୍ଷା କରିବି । ମତେ ଆଉ ହଇରାଣ କରନା । ତୁମେ ମୋର ମସ୍ତକ ଉପରେ ରହିବ, ରଥର ପତାକାରେ । ତେଣୁ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର ପତାକାରେ ମର୍କଟ ଚିହ୍ନ ରହିଲା ଓ ତାଙ୍କ ରଥର ନାମ ହେଲା କପିଧ୍ୱଜ ।

ମାୟାଧରଙ୍କ ମାୟା କୋଇ ନେହିଁ ପାୟା । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ମୋହଭଙ୍ଗ ପାଇଁ ଗୀତାର ଜନ୍ମ ନୁହେଁ । ପ୍ରଭୂତ ହନୁମାନଙ୍କୁ ଗୀତା ଶୁଣାଇବା ପାଇଁ ଆମନ୍ତ୍ରଣ କରିଥିଲେ ।

ମହାଭାରତ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନଙ୍କ ସରସନ୍ଧାନରେ କର୍ଣ୍ଣଙ୍କର ରଥ ଭାରସାମ୍ୟ ହରାଇ ପା -ସାତ ହାତ ପଛକୁ ଘୁ ଯାଉଥାଏ । ମାତ୍ର କର୍ଣ୍ଣଙ୍କ ସର ସନ୍ଧାନରେ ଅର୍ଜୁନଙ୍କ ରଥ ହଲଚଲ ବି ହଉନଥାଏ, ସ୍ଥିର ରହୁଥାଏ, ଏହା ଦେଖି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ ସଖା ତଳକୁ ଦେଖ, ଆମରଥ କିପରି ସୁରକ୍ଷିତ ସ୍ଥିର ରହିଛି । ଶ୍ରୀକୃଷ୍ଣ କହିଲେ ରଥକୁ ଉପରବାଲା ସୁରକ୍ଷିତ ରଖିଛି, ଉପରକୁ ଦେଖ । ସେଇ ଉପରବାଲା ପାଇଁ ତୁମେ ସୁରକ୍ଷିତ ଅଛ । ଅର୍ଜୁନ କିଛି ବୁଝିପାରିଲେ ନାହିଁ । ଆମେ ସର୍ବଦା ଈଶ୍ୱରଙ୍କ ପ୍ରତି ଅନୁରକ୍ତ ରହିବା ଦରକାର । କେହିତ ଅଛି ଆମକୁ ସୁରକ୍ଷା ଦେଉଛି ।

ମହାଭାରତ ଯୁଦ୍ଧ ସମାପ୍ତ ହେଲାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ ପ୍ରଭୁ ଏବେ ଆପଣ ରଥରୁ ଓହ୍ଲାନ୍ତୁ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ ନା ଅର୍ଜୁନ ପ୍ରଥମେ ତୁମେ ଓହ୍ଲାଅ । ରଥରୁ ଅର୍ଜୁନ ଓହ୍ଲାଇଲେ ପ୍ରଥମେ ଓ ପରେ ଶ୍ରୀକୃଷ୍ଣ ଓହ୍ଲାଇଲେ । ଶ୍ରୀକୃଷ୍ଣଙ୍କ ରଥରୁ ଓହ୍ଲାଇବା କପିବରଙ୍କୁ ଇଶାରାକଲେ, ହନୁମାନ ଏବେ ତୁମର କାର୍ଯ୍ୟ ସମାପ୍ତ ହୋଇଛି । ତୁମେ ରଥରୁ ପ୍ରସ୍ଥାନ କର । ହନୁମାନ ରଥରୁ ପ୍ରସ୍ଥାନ କରନ୍ତେ, ରଥଟି ହୁ ହୁ ହୋଇ ଜଳିଲା । ଅର୍ଜୁନ କହିଲେ ସଖା ଦେଖ ରଥଟା ଜଳିଯାଉଛି, କିଏ ରଥରେ ନିଆଁ ଲଗାଥଲାଏ ଶ୍ରୀକୃଷ୍ଣ କହିଲେ ରଥଟିତ କେବେଠାରୁ ଜଳିସାରିଥିଲା । କେବଳ ହନୁମାନଙ୍କ ପାଇଁ ରଥଟି ଏ ଅବ୍ଥାରେ ଏ ପର୍ଯ୍ୟନ୍ତ ଥିଲା । ହନୁମାନ ରଥରୁ ସୁରକ୍ଷା ପ୍ରତ୍ୟାହର କରିନେବାରୁ ରଥଟି ଭସ୍ମହୋଇଗଲା ।

ତେଣୁ ଯେତେବେଳେ ତୁମେ ବଡ଼ହେବ, ଧନସମ୍ପଦ, ପଦମର୍ଯ୍ୟାଦାର ଅଧିକାରୀ ହେବ, ଅଧିକ ଅର୍ଥ ରୋଜଗାର କରିବ, ମନରେ ଅହଂକାର କୁ ସ୍ଥାନ ଦେବନାହିଁ । ଅହଂକାର କେତେକେତେ ବଡ଼ ଲୋକଙ୍କୁ ବୁଡ଼େଇ ଦେଇଛି, ଲୋକହସା କରିଛି, ଗର୍ବଗଞ୍ଜନ ଭଗବାନ କାହାର ଗର୍ବ, ଅହଂକାର ସହନ୍ତି ନାହିଁ । ଅହଂକାରକୁ ଜୀବନ ରଥର ସାରଥି କରିବା ଦ୍ୱାରା ଅପମାନିତ ଓ ପତିତ ହେବା ନିଶ୍ଚିତ ।

# ଆଖି

ସ୍ୱାଗତିକା ଦାସ
+୩ ପ୍ରଥମ ବର୍ଷ କଳା

ପ୍ରତ୍ୟେକ ଜୀବର ଭଗବାନଙ୍କ ପ୍ରଦ ଆଖି ଅଛି । ମଣିଷ ପ୍ରତ୍ୟେକ ମୁହୂ ରେ ତା' ଆଖିରେ କିଛି ନା କିଛି ଦେଖେ ହେଲେ ସବୁ ମଣିଷକୁ ଦେଖିବା ପାଇଁ ଏଇ ଆଖି ବ୍ୟାକୁଳ ହୁଏନା । ସେ ଚାହେଁ ଦେଖିବାକୁ ନିରନ୍ତର ତା'ର ଆପଣାର କାହାକୁ । ଯାହାକୁ ଟିକିଏ ଦେଖିବା ପାଇଁ ସେ ସାଜିଥାଏ ଚାତକ ପକ୍ଷୀ । ସିଏ ଭାଇ, ବନ୍ଧୁ, ବାପା, ସ୍ୱାମୀ, ପିଲାଛୁଆ କି ସେ ପରମେଶ୍ୱର ଯିଏ ହୁଅନ୍ତୁ ନା କାହିଁକି ତା ପାଇଁ ସେ ହୋଇ ଉଠେ ଭାବ ବିହ୍ୱଳିତ । ତାକୁ ଥରେ ଦେଖିବା ପାଇଁ ଆଖିରେ ନିଦ ଆସେନା ଯେମିତି, ରାତି ରାତି ତା' ପାଇଁ ସେ ରୁହେ ଉଜାଗର, ଆଉ କରେ କେତେ ପ୍ରାର୍ଥନା, କେତେ ଦୀପ ଜାଳେ, କେତେ ଅଶ୍ରୁ ଢାଳେ ପରମେଶ୍ୱରଙ୍କ ଚରଣରେ । ହେଲେ କେବେ କ'ଣ ତାର ଅପେକ୍ଷାରେ ଅନ୍ତହେବ ? ଏପରି ଅନେକ ପ୍ରଶ୍ନବାଚୀ ଉଙ୍କିମାରେ ତା ମନ ମନ୍ଦିରରେ, ହେଲେ ତଥାପି ଏହା ଜାଣି ମଧ ସେ କରେ ଅପେକ୍ଷା ଆଉ କେବଳ ନିରନ୍ତର ଅପେକ୍ଷା । ସମୟ ପରେ ସମୟ ଯେତେ ବିତିଯାଏ, ତାକୁ ଦେଖିବାକୁ ଇଚ୍ଛା ସେତେ ବଢ଼ିଚାଲେ, ଛାତିର ସ୍ପନ୍ଦନ ସେତେ ବଢ଼ିଯାଏ । ହେଲେ କେବେ ସେ ଅପେକ୍ଷାର ଅନ୍ତ ହେବ ତାହା କିଏ ଜାଣେ ? କେବେ ତାର ଆଖି ତାକୁ ଟିକେ ଦେଖିବ, ହେଲେ ବାସ୍ତବରେ ସେ ତାକୁ ଯେତେବେଳେ ଦେଖିବ ନା ସେତେବେଳେ ତା'ର ପଲକ ପଡ଼ିବନି, ମନ ମନ୍ଦିରରେ ଖେଳି ଉଠିବ କେତେ ଗୁଞ୍ଜରଣ, ଆଉ ହେବ ସେଠି ପୂଜା ଓ ଆରାଧନା, ସତେ ଯେପରି ଏଇ "ଆଖି" ଦୁନିଆରେ ତା ଛଡ଼ା ଆଉ କିଛି ଦେଖିବାକୁ ଚାହେଁନା ।

# (ପ୍ରତ୍ୟେକ ମଣିଷ ଜାଣିବା ଉଚିତ୍)
# "ଆମ ସଂସ୍କୃତି ର ଶୀର୍ଷରେ "ଛତିଆବଟ""

ଆଶିଷ ପଣ୍ଡା
**+୩ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ**

ଯମ୍ବୁଦୀପ ଭାରତ ବର୍ଷରେ ଅନେକ ଦର୍ଶନୀୟ ସ୍ଥାନ ପରିଲକ୍ଷିତ ହୁଏ । ଅନେକ କ୍ଷେତ୍ର ମଧ୍ୟରୁ ଏହି କ୍ଷେତ୍ରଟି ଅନ୍ୟତମ । ଏହି କ୍ଷେତ୍ରଟି ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲା ଅନ୍ତର୍ଗତ ଛତିଆ ମୌଜାରେ ଅବସ୍ଥିତ । ଯିଏ ଛତିଆବଟ ସେଇ ପୁଣି ଗୁପ୍ତ ଖଣ୍ଡଗିରି । ପାହାଡ଼ଟି ପୂର୍ଣ୍ଣାଙ୍ଗ ନୁହେଁ ତେଣୁ ଖଣ୍ଡିଆଗରି ବା ଖଣ୍ଡଗିରି ବୋଲି ଏହାର ନାମ ମାତ୍ର ଏହା ବାହାରକ ପ୍ରକାଶ ନୁହେଁ ଏହା ଗୁପ୍ତ । ଏହି ସ୍ଥାନଟି ହେଉଛି ବିଷ୍ଣୁଙ୍କର ବାସସ୍ଥାନ ଏହାର ଜ୍ୱଳନ୍ତ ପ୍ରମାଣ ମହାପୁରୁଷ ମାନେ ପ୍ରତିପାଦିତ କରିଯାଇ ଅଛନ୍ତି ।

ଦ୍ୱାପର ଯୁଗରେ ଅନ୍ତପରେ କଳିଯୁଗର ହେଲା ଆଗମନ । ଧରାଧାମ ବ ର୍ତ୍ତମାନ ଏହି କଳିଯୁଗ ଦେଇ ଗତି କରୁଛି । ଇଏ ପୁଣି ଅନନ୍ତ କଳିଯୁଗ, ବାଉନଟି କଳିଯୁଗର ଅନ୍ତପରେ ଏହି ଯୁଗ ଧରାଧାମରେ ପଦାର୍ପଣ କରିଛି । ସତ୍ୟ ଓ ଧର୍ମକୁ ଆପଣାଇ ଦେଇଥିବା ମଣିଷ ବ ର୍ତ୍ତମାନ ପାପର ସ୍ରୋତରେ ଭାସିଯାଉଛି । ପାପର ଚକ୍ର ଏପରି କ୍ରମରେ ବୁଲୁଛି ଯେ ପାପୀ, ତାପୀ, ପତିତ, ଜ୍ଞାନୀ ଓ ସହଚିନ୍ତାଶୀଳ ବ୍ୟକ୍ତିମାନେ ତାଙ୍କ ହୋଇଯାଉଛନ୍ତି । ଏହି ସ୍ରୋତକୁ ସଂକୁଚିତ କରିବା ପାଇଁ ଅନେକ ସାଧୁସନ୍ଥ ଉଦ୍ୟମ କରିଛନ୍ତି ।

ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ, ଶ୍ରୀ ଚୈତନ୍ୟ, ଅଚ୍ୟୁତାନନ୍ଦ ଯଶୋବନ୍ତ, ଅନନ୍ତ, ବଳରାମ ଓ ଜଗନ୍ନାଥ ପ୍ରଭୃତି ସନ୍ଥମାନେ ତାଙ୍କର ମହତ ନୀତି ଦ୍ୱାରା ଜନମାନସକୁ ଜାଗ୍ରତ କରିବାକୁ ଚେଷ୍ଟା କରିଛନ୍ତି ।

ମାତ୍ର ଏହି ଅଦତ୍ୟ ଓ ଅଧର୍ମକୁ ସେମାନେ ରୋକିପାରି ନାହାନ୍ତି । ଧର୍ମ ନାମରେ ବ୍ୟଭିଚାର ହେଉଛି । ଧର୍ମ ହେଉଛି ପ ଭୂତ ପରି ମଣିଷର ମୌଳିକ ଆବଶ୍ୟକତା । ଧର୍ମର ସଂଜ୍ଞା ପତିପାଦନ କରିବାକୁ ଗଲେ ଦେଖାଯାଏ ଧର୍ମ ଅର୍ଥ କାମ, ମୋକ୍ଷ, ଚର୍ତୁବର୍ଗ ଫଳପ୍ରାପ୍ତି । ମହାଭାରତ ଗ୍ରନ୍ଥ ଅନୁସାରେ ଧାରଣ କରିବା ହେତୁରୁ ନାମ ଧର୍ମ । ଧର୍ମ ନଥିଲେ ମାନବ ସଭ୍ୟତା ଖଣ୍ଡ ବିଖଣ୍ଡିତ ହୋଇ ରସା ତଳକୁ ଯାଇଥାନ୍ତି । ଧର୍ମ ହେଉଛି ସତ୍ୟ ଓ ଚିରନ୍ତନ ଏହା ବିଲୁପ୍ତ ଓ ବିଲୀନ ହେବାର ପ୍ରଶ୍ନ ଆସୁଛି କେଉଁଠୁ । ଏହା କେବଳ କଳିର ଦୃତ ଗତି ଯୋଗୁଁ ମନ୍ଥର ହୋଇଯାଇଛି ।

ସେଇ ଅନନ୍ତ କଳର କାଳ ଗତିକୁ ସଙ୍କୁଚିତ କରିବା ପାଇଁ, ଦୃଷ୍ଟ ନିବାରି ସନ୍ଥ ପାଳିବା ପାଇଁ ସତ୍ୟ

ଓ ଶାନ୍ତି ର ମାତ୍ରା କୁ ବୃଦ୍ଧି କରିବା ପାଇଁ ସ୍ୱୟଂ ଅନନ୍ତ ବିଷ୍ଣୁ ଧରା ଧାମରେ ଜନ୍ମ ନେବେ ବୋଲି ମହାପୁରୁଷ ମାନେ ଭବିଷ୍ୟାନ୍ତ ଗ୍ରନ୍ଥରେ କଲମ କରିଛନ୍ତି ।

**"ଖଣ୍ଡଗିରି ନାମ ଗୁପତ ପ୍ରଣାମ ଖ୍ୟାତ ବଟ ଅଛି ତହିଁ**
**କ୍ଷୀର ଧାର ପୁଣି ଗୁଣ୍ଡକୀ ସଂଗମ ଉଦୟ ହୋଇବି ମୁହିଁ"**

(ଜଗନ୍ନାଥ ଦାସ)

ଉପର ଲିଖିତ ମାଳିକା ପଂକ୍ତିରେ ଖ୍ୟାତ ବଟ ଅର୍ଥାତ୍ ଖଣ୍ଡଗିରି ପର୍ବତ ଉପରେ ଥିବା ବଟ ବୃକ୍ଷ ସେ ପୁଣି ଦେବନାଶନ ବଟବୃକ୍ଷ ଅଟେ ଯାହା ସୃଷ୍ଟିର ଆଦି କାଳରୁ ଅବସ୍ଥାନ କରୁଅଛି । ସେହି ବଟଠାରେ ଭକ୍ତ ମାନଙ୍କ ଲୀଳା ଦେଖିବା ପାଇଁ ଜନ୍ମ ନେଇଛନ୍ତି ସେହି ଅଣଶୂନ୍ୟକାର ବଳଦେବ ମୂ ି ମହାପୁରୁଷ ହାଡ଼ିଦାସ । ସେ ବିରୂପା ନଦୀ ନିକଟବ ୀ ଚମ୍ପାପୁର ଗ୍ରାମରେ ୧୭୭୨ ମସିହା ଜାନୁୟାରୀ ମାସ ମକର ସଂକ୍ରାନ୍ତୀ ଦିନ ଧରାଧାମରେ ଜନ୍ମ ନେଲେ । ତାଙ୍କର ବାପା ଚେମେଇ ଓଝା ଓ ମାଆ ଦଇବକୀ ଓଝା ଥିଲେ । ସେ କମାର କୁଳରେ ଜନ୍ମ ନେଇଥିଲେ । ଅନେକ ଭବିଷ୍ୟାନ୍ତ ଗ୍ରନ୍ଥକୁ ଉପଖ୍ୟାନ କଲେ ମିଳେ ଯେ ସେ ମାନବ ଶିରୀର ଧାରଣ କରିଛନ୍ତି କିନ୍ତୁ ସେ ହେଉଛନ୍ତି ଅନନ୍ତ ମୁରତି ସ୍ୱୟଂ ଜଗନ୍ନାଥଙ୍କର ବ୍ରହ୍ମ ସ୍ୱରୂପ ।

ମାନବ ସମାଜର ଅଗ୍ରସର ଗତି ପାଇଁ ସେ ଛତିଆ ବଟରେ ରହି ଅନେକ ଭବିଷ୍ୟାନଗ୍ରନ୍ଥ ଓ କବିତା ଭକ୍ତ ଜଣାଣ ଲେଖିଛନ୍ତି । ସେ ମାନବ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି । ଛତିଆବଟକୁ ପ୍ରତିଷ୍ଠାନ ଓ ପୂର୍ଣ୍ଣାଙ୍ଗ ରୂପ ଦେବାରେ ତାଙ୍କର ଅଭିପ୍ରାୟ ଅନେକ ।

# ବାପା

ଅରୁନ୍ଧତୀ ସାହୁ
+୩ ପ୍ରଥମ ବର୍ଷ (କଳା)

'ବାପା' ମାତ୍ର ଦୁଇଟି ଅକ୍ଷରର ଶବ୍ଦ । ହେଲେ ଏହି ଶବ୍ଦର ମହତ୍ତ୍ୱ ବୁଝିବା ଅନେକଙ୍କ ପାଇଁ ସମ୍ଭବ ନୁହେଁ । ଏହି ଶବ୍ଦରେ ଲୁଚି ରହିଥାଏ କେତେ ଯେ ତ୍ୟାଗ, ସ୍ନେହ, ଯତ୍ନ ଓ ଭଲପାଇବା ଦେଖାଯାଏ । ଦୁନିଆରେ ଆଖିକୁ ସବୁବେଳେ 'ମାଆ'ର ତ୍ୟାଗ, ଯତ୍ନ ଓ ଭଲପାଇବା ଦେଖାଯାଏ । ମାତ୍ର ଦେଖାଯାଏ ନାହିଁ ବାପାର ଭୂମିକା । ଜାଣିଛ କାହିଁକି ଦେଖାଯାଏ ନାହିଁ । କାରଣ ଯେପରି ପୁରାଣମତରେ ଭଗବାନ୍‌ଙ୍କୁ ଦେଖିବାକୁ ହେଲେ ଦିବ୍ୟ ଚକ୍ଷୁର ଆବଶ୍ୟକ ସେହିପରି 'ବାପା' ଶବ୍ଦର ଅର୍ଥ ବୁଝିବାକୁ ହେଲେ ହୃଦୟରେ ସେତିକି ଭଲପାଇବା ଥିବା ଦରକାର । 'ବାପା' ଶବ୍ଦଟି ସମସ୍ତେ ଉଚ୍ଚାରଣ କରିବାକୁ ସାହାସ ଖୋଜନ୍ତି ନିଶ୍ଚୟ । କାରଣ ସନ୍ତାନ ଯେତେପ୍ରିୟ ତଥା ଦୁଷ୍ଟ ହେଲେ ମଧ ସେ ବାପାଙ୍କ ପାଖରେ ସର୍ବଦା ନମ୍ର ଓ ଉଦାର ଆଚରଣ କରିଥାଏ । ଦୁନିଆର ଅଧିକାଂଶ ବ୍ୟକ୍ତି ମା'ଙ୍କ ବିଷୟରେ ଲେଖିବାକୁ ତଥା କହିବାକୁ ଭଲ ପାଉଥିବା ବେଳେ ମାତ୍ର ଖୁବ୍ କମ୍ 'ବାପା'ଙ୍କ ବିଷୟରେ ଲେଖନ୍ତି । ଆଜି କିଛିତ ଲେଖିବି ଏହି ମହାପୁରୁଷଙ୍କ ବିଷୟରେ ।

'ବାପା' ସଂଘର୍ଷର ଝଡ଼କୁ ସାମ୍ନା କରିପାରୁଥିବା ପାଚେରୀଟିଏ । ସମସ୍ୟା ସହ ଲଢ଼ିପାରୁଥିବା ଖଡ୍ଗଟିଏ । ଯାହାର କାନ୍ଧରେ ସଂସାର ଝୁଲି ରହିଥାଏ । ସେ ହେଉଛନ୍ତି 'ବାପା' ।

ମା' ସନ୍ତାନ ଯେତେ ଦୃଷ୍ଟ ହେଲେ ମଧ ତା'ର ଦୋଷ ସବୁବେଳେ ଲୁଚେଇବାକୁ ଚେଷ୍ଟା କରିଥାଏ । ସ୍ନେହର ସାଗରରେ ସେ ନିଜର ପିଲାର ଦୋଷକୁ ଘୋଡ଼ାଇ ଦେଇଥାଏ । କିନ୍ତୁ ବାପା ଶାସନର ପ୍ରଥାରେ ତାକୁ ଶାସିତ କରିବାକୁ ପଛଘୁଞ୍ଚା ଦେଇନଥାନ୍ତି । ଏଥିପାଇଁ ନୁହେଁ କି ଯେ ତାଙ୍କ ପିଲାକୁ କଷ୍ଟ ଦେବାପାଇଁ ବରଂ ତା'ର ଭୁଲ୍‌କୁ ସୁଧାରିବା ପାଇଁ ଉଚିତ୍ ମାର୍ଗକୁ ଆଣିବା ପାଇଁ ।

ମନୁଷ୍ୟ ମାଜକୁ ସବୁବେଳେ ଦେଖାଯାଏ 'ମାଆ' ର ମହାନତା ହେଲେ ଦେଖାଯାଏ ନାହିଁ ଯେ, 'ବାପା' ର ଛତ୍ରଛାୟା ତଳେ ଏହି 'ମାଆ' ବି ଆଶ୍ରୟ ନେଇଥାଏ । ଦୁନିଆକୁ ଦେଖାଯାଏ 'ମାଆ' ପିଲାକୁ ୯ମାସ ପେଟରେ ରଖିଥାଏ, ହେଲେ ଏହି ଦୁନିଅ ଆଖିକୁ ଦେଖାଯାଏନାହିଁ ଯେ, 'ପିଲାର ଜନ୍ମ ପରେ ବାପାର ମସ୍ତିକରେ ପିଲା ସାରାଜୀବନ ପାଇଁ ସ୍ଥାନ ନେଇଯାଇଥାଏ । କାହାକୁ ଦେଖାଯାଏ ନାହିଁ, 'ବାପା' ର ତ୍ୟାଗ ପିଲାର ସଠିକ୍ ଲାଳନ ପାଳନ ପାଇଁ । ଆଉ ଦେଖାଯାଏ ନାହିଁ ପିଲାମାନଙ୍କ ପାଇଁ ବାପାର ହାଡ଼ଭଙ୍ଗା ପରିଶ୍ରମ । ଦେଖାଯାଏ ନାହିଁ କାହାକୁ ଯେ

'ବାପା' ପିଲାର ଉନ୍ନତ ଓ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ କେତେ ଚିନ୍ତାରେ ଥାନ୍ତି ।

